

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୮ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 JULY 2025
Vol.No. 36 ■ No.189 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ସାରା ରାଜ୍ୟରେ ଓଡ଼ିଶା ବନ୍ଦର ପ୍ରଭାବ : ଅଟକିଗଲା ସାରା ରାଜ୍ୟ, ଅଖ ଚକ ସବୁ ଠପ୍

ଭୁବନେଶ୍ୱର, ୧୭/୭ (ନି.ପ୍ର): ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ। ଗାଁରୁ ସହର । ସାରା ଓଡ଼ିଶାରେ ଦେଖିବାକୁ ମିଳିଛି କଂଗ୍ରେସ ବନ୍ଦର ପ୍ରଭାବ । ଦୋକାନ ବଜାର ବନ୍ଦ, ରାସ୍ତାଘାଟ ଶୂନଶାନ୍ । ଏଫ୍ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ରାଜଧାନୀରେ ସକାଳୁ ସକାଳୁ ରାଜରାସ୍ତାକୁ ଓହ୍ଲାଇଥିଲା କଂଗ୍ରେସ। ଏଥର କିନ୍ତୁ ଅନ୍ଦାଜ ଥିଲା ଭିନ୍ନ । ପିସିସି ସଭାପତି ଓ ଅନ୍ୟ ବରିଷ୍ଠ ନେତାଙ୍କ ନେତୃତ୍ୱରେ ଭାଗ ଭାଗ ହୋଇ ରାଜଧାନୀର ଛକ ଛକରେ ପିକେଟିଂ କରିଥିଲେ କଂଗ୍ରେସ କର୍ମୀ । ଗୋଲାପ ଓ ଚକଲେଟ୍ ଦେଇ ସାଧାରଣ ଲୋକଙ୍କୁ ସହଯୋଗ କରିବାକୁ ନିବେଦନ କରିଥିଲେ । ରେଳ ଷ୍ଟେସନରେ ପଶିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ କର୍ମୀଙ୍କ



ସହ ସୁରକ୍ଷାକର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଭିତରେ ଏକ ବାଇକ ରାଲିରେ ଆସି ଲୋକସେବା ଭବନ ଘେରାଉ ଉଦ୍ୟମ କରିଥିଲେ । ବ୍ୟାରିକେଡ୍ ଡେଇଁ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପିସିସି ସଭାପତିଙ୍କ ସମେତ ଅନ୍ୟ ନେତାଙ୍କୁ ଉଠାଇ ନେଇଥିଲା ପୁଲିସ । ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛି କଂଗ୍ରେସ । କଂଗ୍ରେସର ଓଡ଼ିଶା ବନ୍ଦ ଡାକରାକୁ ୮ଟି ଦଳ ସମର୍ଥନ ଦେଇ ଏଥିରେ ସାମିଲ ହୋଇଥିଲେ । ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ୩୦ ଜିଲ୍ଲାରେ ଉଠିଥିଲା ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର । କଟକରୁ କଳାହାଣ୍ଡି, ମାଲକାନଗିରିରୁ ମୟୂରଭଞ୍ଜ। ସବୁଠି ସମାନ ଦୃଶ୍ୟ। ରାସ୍ତାକୁ ଆସୁଥିବା ଗାଡ଼ି ଚାଳକଙ୍କୁ ଅଟକାଇବା ସହ ସହଯୋଗ ପାଇଁ ହାତ ଯୋଡ଼ିଥିଲେ କଂଗ୍ରେସ କର୍ମୀ । କିଛି କିଛି ସ୍ଥାନରେ ବସ୍ ଅଟକାଇଥିଲେ । ସରକାରୀ ଅଫିସରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ । କଂଗ୍ରେସର ଆନ୍ଦୋଳନ କାଁ ଭାଁ ଯୁକ୍ତିତର୍କକୁ ଛାଡ଼ିଦେଲେ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ପ୍ରଭାବରେ ପୂରା ଓଡ଼ିଶା ଠପ୍ ହୋଇଯାଇଛି ।

## ବନ୍ଦ ଯୋଗୁ ଅସହାୟ ହେଲେ ସାଧାରଣ ଲୋକ

ଭୁବନେଶ୍ୱର, ୧୭/୭ (ନି.ପ୍ର): ୧୨ ଘଣ୍ଟିଆ ଓଡିଶା ବନ୍ଦ ବେଳେ ସାମ୍ନାକୁ ଆସିଲା ଅଭାବନୀୟ ଚିତ୍ର । ସାଧାରଣ ଲୋକେ, ରୋଗୀ ଏବଂ ଅନ୍ୟ ଜରୁରୀ କାମରେ ଯାଉଥିବା ଲୋକେ କିଭଳି ହୀନସ୍ତା ହେଉଛନ୍ତି, ତାର ଚିତ୍ର ଦେଖିବାକୁ ମିଳିଛି । ଆଜି ବନ୍ଦ ପାଳନ ବେଳେ ବାଲେଶ୍ୱରରେ ଦେଖିବାକୁ ମିଳିଛି ସେଭଳି ଏକ ଅଭାବନୀୟ ଦୃଶ୍ୟ। ବନ୍ଦ ବିଷୟରେ ଜାଣି ନ ପାରି ଅନୁଗୁଳରୁ ବାଲେଶ୍ୱର ଆସିଥିବା ଜଣେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଅସହାୟ ହୋଇପଡ଼ିଥିଲେ । କଂଗ୍ରେସର ବନ୍ଦ ପାଳନ ଯୋଗୁ ଗାଡ଼ି ମୋଟର ବନ୍ଦ ଥିବାରୁ ବସ ଷ୍ଟାଣ୍ଡରେ ଅସହାୟ ଅବସ୍ଥାରେ କାନ୍ଦୁଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କରିବା ସହ ୧୦୮ ଆମ୍ବୁଲାନ୍ସ ଡାକି ହସ୍ପିଟାଲ ପଠାଇଥିଲେ । ବନ୍ଦ ବେଳେ ଲୋକେ ହୀନସ୍ତା ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ବାରମ୍ବାର ବନ୍ଦ ପାଳନ କରି ସାଧାରଣ ଲୋକଙ୍କ ଜୀବନ ସହ ନ ଖେଳିବାକୁ କହିଛନ୍ତି ସ୍ଥାନୀୟ ଲୋକେ। ଓଡ଼ିଶା ବନ୍ଦ ବେଳେ ସାମ୍ନାକୁ ଆସୁଛି ଗୋଟିଏ ପରେ ଗୋଟିଏ ଲୋକ





ହୀନସ୍ତାର ଚିତ୍ର । କଟକ ବଡ଼ ଡାକ୍ତରଖାନା ଆସୁଥିବା ଜଣେ ମହିଳା ରୋଗୀ କେମିତି ହୀନସ୍ତା ହୋଇଛନ୍ତି ତାହା ଦେଖିବାକୁ ମିଳିଥିଲା । ଖଡ଼ିଆଳରୁ ସେ ବସ ଯୋଗେ କଟକ ମେଡିକାଲ ଆସୁଥିଲେ । ତେବେ ବନ୍ଦ ପାଳନ ଯୋଗୁ ଆନ୍ଦୋଳନକାରୀ ବସ ଅଟକାଇବାରୁ ଗାଡ଼ି ଭିତରେ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଭୁବନେଶ୍ୱର-କଟକ ମଝିରେ ଥିବା ପାହାଳ ନିକଟରେ ଚାଲିଥିଲା ବନ୍ଦ ପାଳନ । ତେବେ ଏଭଳି ଅବସ୍ଥା ଦେଖିବା ପରେ ସ୍ଥାନୀୟ ପୋଲିସ ତୁରନ୍ତ ସହାୟତାର ହାତ ବଢ଼ାଇଥିଲା ।

▶▶ପୃଷ୍ଠା ୭

## ପୃଥ୍ୱୀ-୨, ଅଗ୍ନି-୧ ପ୍ରାଇମ ମିଜାଇଲ୍‌ର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୭/୭ (ନି.ପ୍ର): ଭାରତକୁ ମିଳିଛି ଦୁଇ ଦୁଇଟି ବଡ଼ ସଫଳତା। ପୃଥ୍ୱୀ-୨ ଏବଂ ଅଗ୍ନି-୧ ପ୍ରାଇମ ମିଜାଇଲ୍‌ର ଗୁରୁବାର ସଫଳ ପରୀକ୍ଷଣ କରି ଭାରତ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଚାନ୍ଦିପୁର ୩ ନମ୍ବର ଲଞ୍ଚପ୍ୟାଡରୁ ଗୁରୁବାର ପୃଥ୍ୱୀ-୨ ମିଜାଇଲର ସଫଳ ପରୀକ୍ଷଣ କରାଯାଇଛି । ପୃଥ୍ୱୀ-୨ ମିଜାଇଲ ୩୫୦ରୁ ୫୦୦ କି.ମି. ଲକ୍ଷ୍ୟଭେଦ କ୍ଷମତା ରଖିଛି। ଏପରିକି ପୃଥ୍ୱୀ-୨ ଉଭୟ ଅଣୁ ଏବଂ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ସେହିପରି ଅଗ୍ନି-୧ ପ୍ରାଇମ ମିଜାଇଲ୍‌ର ସଫଳ ପରୀକ୍ଷଣ କରାଯାଇଛି । ଏହାର ଲକ୍ଷ୍ୟଭେଦ କ୍ଷମତା ୧ ହଜାର କି.ମି. ରହିଛି । ଅଗ୍ନି-୧ ପ୍ରାଇମ ମଧ୍ୟ ଉଭୟ ଅଣୁ ଓ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଥିବା ସୂଚନା ମିଳିଛି।

## ଛାତ୍ରୀଙ୍କୁ ମିଛ ପ୍ରତିଶ୍ରୁତି ଦେବା ମହଙ୍ଗା ହେଲା: ଗିରଫ ହେଲେ ଅଧ୍ୟାପକ

ସମ୍ବଲପୁର, ୧୭/୭ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଓ ମୃତ୍ୟୁ ଘଟଣା ନେଇ ଗତ ୧୨ ତାରିଖ ଠାରୁ ରାଜ୍ୟରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଜଣେ ଇଣ୍ଟିଗ୍ରେଟେଡ୍ ବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ମହିଳା ପୁଲିସ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିକ୍ଷା ବିଭାଗର ଅଧ୍ୟାପକ ଗୋପୀକାନ୍ତ ସୁନା (୩୨)। ୪ ମାସ ତଳେ ଛାତ୍ରୀ ଜଣଙ୍କ ଅସଦାଚରଣ ନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ଛାତ୍ରୀ ଜଣକ ତାଙ୍କର ଅଭିଯୋଗରେ ଦର୍ଶାଇଥିଲେ ଯେ, ଶ୍ରୀ ସୁନା ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସଂପର୍କ ରଖିଥିଲେ। ହେଲେ ପୁଲିସ ସେତେବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା।



ମାତ୍ର ଏଫଏମ୍ କଲେଜର ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ତତ୍ପର ହୋଇଛନ୍ତି ସରକାର। ସୂଚନା ଅନୁଯାୟୀ, ୪ ମାସ ତଳେ ଛାତ୍ରୀ ଜଣଙ୍କ ଅସଦାଚରଣ ନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ଛାତ୍ରୀ ଜଣକ ତାଙ୍କର ଅଭିଯୋଗରେ ଦର୍ଶାଇଥିଲେ ଯେ, ଶ୍ରୀ ସୁନା ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସଂପର୍କ ରଖିଥିଲେ। ହେଲେ ପୁଲିସ ସେତେବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ମାତ୍ର ଏଫଏମ୍ କଲେଜର ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ତତ୍ପର ହୋଇଛନ୍ତି ସରକାର।

▶▶ପୃଷ୍ଠା ୭

## ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ମାମଲା: କଲେଜରେ କ୍ରାଇମବ୍ରାଞ୍ଚ ଟିମ୍‌ର ଜୋରଦାର ତଦନ୍ତ

ବାଲେଶ୍ୱର, ୧୭/୭ (ନି.ପ୍ର): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ମାମଲାରେ କ୍ରାଇମ ବ୍ରାଞ୍ଚ ଆରମ୍ଭ କରିଛି ତନାଘନା। କ୍ରାଇମ ବ୍ରାଞ୍ଚ ଟିମ୍ ଆଜି କଲେଜରେ ପରିସରକୁ ଯାଇ ଘଟଣା ସ୍ଥଳ ପରିଦର୍ଶନ କରିବା ସହ କିଛି କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛି। ସେହିପରି କ୍ରାଇମ ବ୍ରାଞ୍ଚ ଟିମ୍ ଆହତ ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ମଧ୍ୟ ପଚରା ଉଚରା କରିଛି। ସେହିପରି ଛାତ୍ରୀ ରହୁଥିବା ହଷ୍ଟେଲରେ ମଧ୍ୟ ସ୍ଥିତି ଯାଞ୍ଚ କରିଛି ତଦନ୍ତକାରୀ ଟିମ୍। ଗତକାଲି ରାଜ୍ୟ ସରକାର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଆଜି ବିଧିବଦ୍ଧ ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ ଟିମ୍। ବାଲେଶ୍ୱର ଏବଂ କଟକ ଉଭୟ ସ୍ଥାନରେ ଦୁଇଟି ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏଫ ଏମ କଲେ କ୍ୟାମ୍ପସରେ ପହଞ୍ଚିଥିଲେ କ୍ରାଇମବ୍ରାଞ୍ଚ ସିଏଡବ୍ଲୁ ଆଣ୍ଡ ସିଡବ୍ଲୁ ଆଇଜି ଏସ

## ନିମିଷା ପ୍ରିୟାଙ୍କୁ ଭାରତ ସରକାର ଯଥାସମ୍ଭବ ସାହାଯ୍ୟ କରୁଛି: ବିଦେଶ ମନ୍ତ୍ରୀ

ନୂଆଦିଲ୍ଲୀ, ୧୭/୭ (ନି.ପ୍ର): ୟମନରେ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା କେରଳର ନିମିଷା ପ୍ରିୟା ମାମଲାରେ ଭାରତ ସରକାର ଯଥାସମ୍ଭବ ସାହାଯ୍ୟ କରୁଛି । ୟମନର ସ୍ଥାନୀୟ ଅଧିକାରୀମାନେ ୧୬ ଜୁଲାଇକୁ ନିର୍ଦ୍ଧାରିତ ତା'ର ସଜ୍ଜା କ୍ରିୟାନ୍ୱୟନକୁ ବର୍ତ୍ତମାନ ସ୍ଥଗିତ କରିଛି । ଭାରତୀୟ ବିଦେଶ ମନ୍ତ୍ରାଳୟ ...୭

## ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧିଙ୍କୁ ମିଳିବ ସହାୟତା

ଭୁବନେଶ୍ୱର, ୧୭/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପଞ୍ଚାୟତ ପ୍ରତିନିଧି ମାନଙ୍କ ପାଇଁ କାର୍ଯ୍ୟଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡ ମେମ୍ବରଙ୍କଠୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବେ । ପଞ୍ଚାୟତ ପ୍ରତିନିଧି ମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି



କାରଣରୁ ମୃତ୍ୟୁ ଘଟିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ଼ ନଷ୍ଟ ହେଲେ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଯଦି ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ ନଷ୍ଟ ହୁଏ ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ସାମ୍ବିଧାନିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧି ମାନେ ହେଉଛନ୍ତି ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି । ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡିହୋଇ ରହିଥାନ୍ତି ।

▶▶ପୃଷ୍ଠା ୭

## ସରଗରମ ବିହାର ରାଜନୀତି: ଆଜି ମୋଦୀଙ୍କ ଗସ୍ତ, କାମ ଦେବ କି ନୀତୀଶଙ୍କ ବିଜୁଳି ସ୍କିମ୍ ?



ନୂଆଦିଲ୍ଲୀ,୧୭/୭ : ବିହାର ବିଧାନସଭା ନିର୍ବାଚନ ଯେତେ ପାଖେଇ ଆସୁଛି, ସେତେ ତେଜୁଛି ରାଜନୀତି । ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତା ଜି-ଜାନ୍ ଲଗାଇ ଦେଇଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ପୁଣି ବିହାର ଯାଉଛନ୍ତି । ସେପଟେ ବିହାରବାସୀଙ୍କ ପାଇଁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଘୋଷଣା କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୁଣି ବିହାର ଯାଉଛନ୍ତି । ମୋଦୀ ଗତ ଜାନୁଆରି ମାସରୁ ଏବେ ସୁଦ୍ଧା ୪ ଥର ବିହାର ଗଲେଣି । ଆସନ୍ତାକାଲିର ଗସ୍ତ ପଞ୍ଚମ ଗସ୍ତ ହେବ । ବିହାର ପାଇଁ ମୋଦୀ ଆସନ୍ତାକାଲି ପ୍ରାୟ ୭ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିପାରନ୍ତି । ମୋଦୀ ନିକଟରେ ଯେତେଥର ବିହାର ଯାଇଛନ୍ତି, ସେତେଥର ବହୁ ପ୍ରକଳ୍ପ ଘୋଷଣା କରିଛନ୍ତି । ମୋଦୀ ଆସନ୍ତାକାଲି ଚମ୍ପାରନ ଜିଲ୍ଲାର ମୋତିହାରି ଗାନ୍ଧୀ ମୈଦାନରେ ସାଧାରଣ ସଭାରେ ଉଦବୋଧନ ଦେବେ । ବିହାର ରାଜ୍ୟ ବିଜେପି ସଭାପତି ଦିଲ୍ଲୀପ ଜୟସୱାଲ ଓ ଦଳର ଅନ୍ୟ ନେତାମାନେ ମୋଦୀଙ୍କ ଗସ୍ତ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ସେପଟେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟବାସୀଙ୍କ ପାଇଁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଘୋଷଣା କରିଛନ୍ତି । ଏହି ମାଗଣା ବିଦ୍ୟୁତ୍ ଯୋଜନା ଆସନ୍ତା ଅଗଷ୍ଟ ୧ ତାରିଖରୁ ଲାଗୁ ହେବ । ଚଳିତ ଜୁଲାଇ ମାସର ବିଦ୍ୟୁତ୍ ବିଲରେ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଖର୍ଚ୍ଚ ପାଇଁ ଦେୟ ଦେବାକୁ ପଡ଼ିବ ନାହିଁ । ସେହିପରି ଘରୋଇ ଗ୍ରାହକଙ୍କ ଘରର ଛାତ ଉପରେ ସୋଲାର ପାୱାର ପ୍ଲାଣ୍ଟ କିମ୍ବା କିମ୍ବା ନିକଟସ୍ଥ ସ୍ଥାନରେ ବସାଇବା ପାଇଁ ବିହାର ସରକାର ସ୍ଥିର କରିଛନ୍ତି । ଆଗାମୀ ତିନିବର୍ଷ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ ।

▶▶ପୃଷ୍ଠା ୭

## ଏନଡିଏକୁ ଫେରିବେ କି ଉଦ୍ଧବ ? : ଫଡନବୀସଙ୍କ ସହ ରୁଦ୍ଧଦ୍ୱାର ବୈଠକ ନେଇ ଚର୍ଚ୍ଚା

ମୁମ୍ବାଇ, ୧୭/୭ : ପୂର୍ବତନ ସହଯୋଗୀ ତଥା ବର୍ତ୍ତମାନର ରାଜନୈତିକ ପ୍ରତିଦ୍ୱନ୍ଦୀ ଉଦ୍ଧବ ଠାକରେ ଓ ଦେବେନ୍ଦ୍ର ଫଡନାଭିସ ଗୁରୁବାର ମହାରାଷ୍ଟ୍ର ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି। ଏହି ବୈଠକ ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ପଦକୁ ନେଇ ଆଲୋଚନା ପାଇଁ ଆୟୋଜିତ ହୋଇଥିବା ଜଣାପଡ଼ିଛି। ତେବେ, ଗତକାଲି ଫଡନାଭିସଙ୍କର "ଆମ ସହ ଯୋଗ ଦିଅ" ମନ୍ତବ୍ୟକୁ ଉଦ୍ଧବ ଠାକରେ "ମଜା" ବୋଲି କହି ଏଡାଇ ଦେଇଥିବାରୁ ଏହି ବୈଠକ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ୨୦



ମିନିଟର ବୈଠକ ବିଧାନ ପରିଷଦର ଅଧ୍ୟକ୍ଷ ରାମ ଶିନ୍ଦେଙ୍କ ଆନ୍ତେ-ଚାମ୍ବରରେ ଅନୁଷ୍ଠିତ ହୋଇଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ଉଦ୍ଧବ ଠାକରେ ବିଧାନସଭାର ବିରୋଧୀ ଦଳ ନେତା ପଦ ପାଇଁ ଭାସ୍କର ଜାଧବଙ୍କ ନାମ ପ୍ରସ୍ତାବ ଦେଇଥିଲେ, ଯାହାକୁ ଗତ ଅଧିବେଶନରେ ମହା ବିକାଶ ଆଘାଡ଼ି (ଏମଭିଏ) ସମର୍ଥନ କରିଥିଲା। ମହାୟୁତି ସରକାର ଗଠନ ପରେ ଏହା ବିଧାନସଭାର ଦ୍ୱିତୀୟ ଅଧିବେଶନ। ତେବେ, ବିଧାନସଭାର ଅଧ୍ୟକ୍ଷ ରାହୁଲ ନରୱେକର ଏ ବିଷୟରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ମୁଖ୍ୟମନ୍ତ୍ରୀ ଫଡନାଭିସ କହିଛନ୍ତି ଯେ, ବିରୋଧୀ ଦଳ ନେତା ପଦ ଅନୁମୋଦନ କରିବା କେବଳ ବିଧାନସଭା ଅଧ୍ୟକ୍ଷଙ୍କର ଏକମାତ୍ର ଅଧିକାର। ବୈଠକରେ ଆଦିତ୍ୟ ଠାକରେ ମଧ୍ୟ ଉପସ୍ଥିତ ଥିଲେ।

▶▶ପୃଷ୍ଠା ୭

# ମସ୍ତିଷ୍କ କର୍କଟ ଶିଶୁ ରୋଗୀକୁ ସହାୟତାର ହାତ ବଢ଼ାଇଲେ ନୂଆ ଜିଲ୍ଲାପାଳ

ପୁରୀ, ୧୭/୦୭ (ନି.ପ୍ର): ମା କାନ୍ଦୁଛି । ଆଖିରୁ ଲୁହ ସରୁନି। ବାପ ନିଃସହାୟ ଦିନମଜୁରିଆ । ୭ ବର୍ଷର ପୁଅ ୩ ବର୍ଷ ହେଲାଣି ବ୍ରେନ କ୍ୟାନ୍ସର ରୋଗରେ ପୀଡିତ। ବାପ ପୁଅକୁ କାନ୍ଧରେ ବୋହି ବୋହି ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରି ଏବେ ଅର୍ଥ ଶୂନ୍ୟ । ଶେଷରେ ନୂଆ ଜିଲ୍ଲାପାଳଙ୍କ ଜନଶୁଣାଣୀ ଜାଣି ପୁରୀ ଆସିଥିଲେ ଗୁହାରି କରିବା ପାଇଁ । ଜିଲ୍ଲାପାଳ ଚଂଚଳ ରାଣା ଅବସ୍ଥା ହୃଦୟଙ୍ଗମ କରି ତୁରନ୍ତ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ତିରିଶ ହଜାର ଟଙ୍କାର ଚେକ ପ୍ରଦାନ ପାଇଁ ଆଦେଶ ଦେଲେ । ସଙ୍ଗେ ସଙ୍ଗେ ଆପକାଳୀନ ଅଧିକାରିଣୀ ମନୀଷା ଷଡ଼ଙ୍ଗୀ ଉକ୍ତ ଚେକ ପ୍ରଦାନ କରିଥିଲେ । ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଆଦେଶ ଦେଲେ । ନୂଆ ଜିଲ୍ଲାପାଳଙ୍କ ପ୍ରଥମ ଜନଶୁଣାଣୀରେ ଏଭଳି ମହନୀୟତା ଦେଖି ଉପସ୍ଥିତ ବ୍ୟକ୍ତିମାନେ ଖୁସିବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ବାଲିପଡ଼ାର ପୂର୍ବତନ ସରପଂଚ ଚିତ୍ରସେନ ବେହେରା କହିଥିଲେ, ମୁଁ ତିରିଶ ବର୍ଷ ଧରି ପଂଚାୟତରେ ରାଜନୀତି କଲାଣି, ଅନେକ ଜିଲ୍ଲାପାଳଙ୍କ ପାଖକୁ ଆସି ସମସ୍ୟା, ଅଭିଯୋଗ ଜଣାଇଛି । ହେଲେ ଏପରି ତୁରନ୍ତ ସହାୟତା ମୁଁ ପ୍ରଥମେ ଦେଖିଲି । ଏହି କାର୍ଯ୍ୟ ପାଇଁ ପଂଚାୟତବାସୀ ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇଛନ୍ତି।

# ସବୁଜ ବାହିନୀ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭଦ୍ରକ, ୧୭/୦୭ (ନି.ପ୍ର): ଭଦ୍ରକ ଜିଲା ଧାମରା ସବୁଜ ବାହିନୀ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ଏକ ପେଡ ମା କି ନାମ ପେ କାର୍ଯ୍ୟକ୍ରମ କୁ ସାରା ଭାରତ ବର୍ଷରେ ପହଂଚାଇବା ଏହି ବୃକ୍ଷରୋପଣର ମହାନ ଧାରା ବୋଲି ବୃକ୍ଷପ୍ରେମୀ ତଥା ପ୍ରକୃତି ବନ୍ଧୁ,ପ୍ରକୃତି ମିତ୍ର ତଥା ସବୁଜ ବାହିନୀର ସଭାପତି ଶରତ ଦଳେଇ ନିଜର ମତ ରଖିଥିଲେ। ହୋଇଥିବା ବନୀକରଣ କାର୍ଯ୍ୟକ୍ରମରେ ଧାମରା ଅଂଚଳ ତଥା ଚାନ୍ଦବାଲି ବ୍ଲକରେ ବହୁ ଗଛ ଲଗାଇ ସେ ଗୁଡିକୁ ଦ୍ରୁମରେ ମଧ୍ୟ ପହଂଚାଇ ପାରିଥିବାରୁ ଅଂଚଳବାସୀ ସବୁଜ ବାହିନୀର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା ମଧ୍ୟ କରିଛନ୍ତି। ହୋଇଥିବା ବନୀକରଣ କାର୍ଯ୍ୟକ୍ରମରେ ସବୁଜ ବାହିନୀର ସଂପାଦକ ବିଜୟ ସାହୁ, ମାୟାଧର ସାହୁ, ନିରାକାର ନାୟକ, ଅମରେନ୍ଦ୍ର ବେହେରା, ନିରାକାର ବେହେରା, ଅଲେଖ ମାଝୀ, ସତ୍ୟରଞ୍ଜନ ବାରିକ, ମହେଶ ଦଳେଇ,ମାନସ କୁମାର ଜାନା, ବିକ୍ରମ ଦଳେଇ ପ୍ରମୁଖ ଉପସ୍ଥିତ ରହିବା ସହ ବୃକ୍ଷରୋପଣ କାର୍ଯ୍ୟ ସଂପାଦନ କରିଥିଲେ।

# ଜିଲ୍ଲା ସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ

ବାରିପଦା , ୧୭/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୫ ବର୍ଷ ଖରିଫ ଫସଲ ଚାଷ ପାଇଁ ଜିଲ୍ଲା ସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଆଇ ଏ ଏସ ପ୍ରୋବେସନର ମିସ କାଶିଷ ବକ୍ସି, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଜ୍ଞାନ ରଞ୍ଜନ ଦାସ , ଉଦ୍ୟାନ କୃଷି ଉପ- ନିର୍ଦ୍ଦେଶକ, ଟଙ୍କଧର କାଲ,ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମଳୟ କୁମାର ସାହୁ, ଡି ଆର ସି ଏସ, ଅଶୋକ ପାଣି ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼ । ସଂଘମିତ୍ରା ପଟ୍ଟନାୟକ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ ଡ। ଦୀପକ କୁମାର ମହାନ୍ତି ପ୍ରମୁଖ ଙ୍କ ସମେତ ଡ଼ିଡ଼ିଏମ ନକ୍ଷବକ୍ଷର୍ଡ ଶ୍ରୀ ସ୍ମାରକ କୁମାର ମହାନ୍ତି, ଏଲ ଡି ଏମ, ଶ୍ରୀ ସୂର୍ଯ୍ୟନାରାୟଣ ମହାନ୍ତି, ଜିଲ୍ଲାର ସମସ୍ତ କୃଷି ଅଧିକାରୀ, ସମ୍ପୃକ୍ତ ଲାଇନ ବିଭାଗର ପଦାଧିକାରୀ ଯୋଗ ଦେଇ ଜିଲ୍ଲାର କୃଷି ଭିତ୍ତିକ ଚଳିତ ଖରିଫ ଫସଲ ୨୦୨୫ ଏବଂ ରବି ଫସଲ ୨୦୨୪-୨୫ ର କାର୍ଯ୍ୟ ଖସଡ଼ା ସମ୍ପର୍କ ରେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ସବିଶେଷ ଆଲୋଚନା କରାଯାଇ ଜିଲ୍ଲାରେ ଥିବା ଜଳସେଚନ ପ୍ରକଳ୍ପ ଉତ୍ସର ଉପଯୋଗୀତାକୁ ଆଧାର କରି ଆନୁମାନିକ ମୋଟ ୪,୦୬, ୬୨୦ ହେକ୍ଟର ଜମି ରେ ବିଭିନ୍ନ ଖରିଫ ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରେ ଧାନ ୨, ୯୨,୮୬୦ ହେକ୍ଟର, ମକା ୪୨୬୦ ହେକଟର, ମାଣ୍ଡିଆ ୭୯୦୦ ହେକ୍ଟର, ଅନ୍ୟାନ୍ୟ ମାଣ୍ଡିଆ ଜାତୀୟ ୧୮୦୦ ହେକ୍ଟର, ଅନ୍ୟାନ୍ୟ ଡାଲି ଜାତୀୟ ୨୪,୯୮୦ ହେକ୍ଟର, ତୈଳବିଜ ୬୨୦୦ ହେକଟର, ତନ୍ତୁ ଜାତୀୟ ୭୪୦ ହେକଟର, ପନିପରିବା ୫୬,୬୪୦ ହେକଟର ଓ ମସଲା ଜାତୀୟ ୧୧୨୪୦ ହେକ୍ଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୧୪୦୪୨। ୨୫ କୁଇଣ୍ଟାଲ ବିହନ ଓ ୪୫୧୦୦ ମ୍ୟାଟ୍ରିକ ଟନ ସାର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୈଠକ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଦାସ ସମସ୍ତ ଙ୍କୁ ସ୍ୱାଗତ ଜଣାଇ ଜିଲ୍ଲା କୃଷି ବିଭାଗ ଯୋଜନା କାର୍ଯ୍ୟ ସୂଚୀ ଉପରେ ପ୍ରଥମେ ଚଳିତ ୨୦୨୫ ଖରିଫ ଫସଲ ଚାଷ ସମ୍ପର୍କିତ ଯଥା ଜିଲ୍ଲାର ବୃଷ୍ଟିପାତ, ବିଭିନ୍ନ ଫଳ ଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାରର ପ୍ରୟୋଗ, ବିଭିନ୍ନ କୃଷି ଯନ୍ତ୍ରପାତିର ଉପଯୋଗ, କୃଷି ଋଣ ସହାୟତା, ରାଷ୍ଟ୍ରୀୟ କୃଷିବିକାଶ ଆଦି ଯୋଜନା ଉପରେ ସମୀକ୍ଷା ମୂଳକ ଆଲୋଚନା କରିଥିଲେ । ବୈଠକ ରେ ଜିଲ୍ଲାପାଳ ଶ୍ରୀ ସୟ ଜିଲ୍ଲାର ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମ ରେ ଚାଷୀ ମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଫସଲ ଚାଷ ଓ କୃଷି ଭିତ୍ତିକ ବିଭିନ୍ନ ଫସଲ ଚାଷ ଦିଗରେ ଦୃଷ୍ଟି ଦେଇ ଜିଲ୍ଲକ୍ଷରେ ଆୟୋଜନ କରାଯାଉଥିବା ସମସ୍ତ କର୍ମଶାଳାରେ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ଜାତୀୟ ଖାଦ୍ୟ ସୁରକ୍ଷା ଓ ପୋଷଣ ମିଶନ, ଓଡିଶା ମିଲେଟ ମିଶନ, ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରାଷ୍ଟ୍ରୀୟ କୃଷିବିକାଶ ଯୋଜନା,ପି ଏମ କିଷାନ/ସି ଏମ କିଷାନ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଓ ଫସଲ ବୀମା ଯୋଜନା ଇତ୍ୟାଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଧ୍ୟାନ ଦେବା ସହିତ କୃଷି ଓ କୃଷକ ମାନଙ୍କ ବିକାଶ ପାଇଁ ଲକ୍ଷ ଧାର୍ଯ୍ୟ ଥିବା ରିହାତିରେ ଗଭୀର ନଳକୂପ ଖନନ, ବିଭିନ୍ନ କୃଷି ଯାନ୍ତ୍ରିକ ଉପକରଣ ଏବଂ କୃଷି ଉଦ୍ୟୋଗ ବିକାଶ ପାଇଁ ଉଦ୍ଦିଷ୍ଟ ଥିବା ସୁବିଧା ସୁଯୋଗ ଆଦି ସମସ୍ତ କାର୍ଯ୍ୟକ୍ରମ ସମ୍ପୃକ୍ତ ବିଭାଗ ଗୁଡିକର ସମନ୍ୱୟରେ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରତ୍ୟେକ ଚାଷୀ ଯେମିତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନରେ ଅନ୍ତର୍ଭୁକ୍ତ ହେବେ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବୈଠକ ରେ ୩୬ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା )ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କ ରେ ସବିଶେଷ ଆଲୋଚନା କରାଯାଇ ୨୦୨୫-୨୬ ବର୍ଷର ଖରିଫ ଫସଲ କାର୍ଯ୍ୟକ୍ରମ ରେ ଚାଷୀମାନଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତି ନିଆଯାଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୃଷି ଅଧିକାରୀ ମଧୁସ୍ମିତା ଜେନା, ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ। ପରିଚାଳନା କରିଥିଲେ ଏବଂ ଶ୍ରୀ ରମାକାନ୍ତ ପାତ୍ର ,ଶ୍ରୀ ରାଜାରାମ ସାହୁ, ଶ୍ରୀ ତାପସ କୁମାର ସାହୁ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ । ପରିଶେଷରେ କୃଷି ଜିଲ୍ଲା ଅଧିକାରୀ, ବାରିପଦା ଧନ୍ୟବାଦ ଅର୍ପଣ କରିଥିଲେ ।

# ସିପ ସାହାଣୀ କପ୍ ୨୦୨୫ ପାଇଁ ମାଲକାନଗିରି ଜିଲ୍ଲାର ୨୧ ଜଣ କ୍ରୀଡ଼ାବିତଙ୍କ ବ୍ରହ୍ମପୁର ଗସ୍ତ

ମାଲକାନଗିରି, ୧୭/୦୭ (ନି.ପ୍ର): ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚମ୍ପିୟାନ ସିପ ସାହାଣୀ କପ୍ ୨୦୨୫ ପାଇଁ ଆଜି ମାଲକାନଗିରି ଜିଲ୍ଲାର ୨୧ ଜଣ କ୍ରୀଡ଼ାବିତ ବ୍ରହ୍ମପୁର ଗସ୍ତ କରିଛନ୍ତି। ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ଆସନ୍ତା କାଲିଠାରୁ ଜୋନସ୍ତରୀୟ ଚମ୍ପିୟନସିପ୍‌ରେ ଗ୍ରୁପ ଏ ଓ ଗ୍ରୁପ ବିରେ ମୋଟ ୮ ଟି ଜିଲ୍ଲାର ଦଳ ଅଂଶଗ୍ରହଣ କରିବେ। ଏହି ଚମ୍ପିୟନସିପ ଆସନ୍ତାକାଲି ଅର୍ଥାତ ଜୁଲାଇ ୧୬ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ମାଲକାନଗିରି ଜିଲ୍ଲାର ୨୧ ଜଣ କ୍ରୀଡ଼ାବିତଙ୍କ ସହ କୋଚ ମୁନା ବାଘ ଓ ମ୍ୟାନେଜର ଭିମା ପଡ଼ିଆମୀ ବ୍ରହ୍ମପୁର ଅଭିମୁଖେ ଏକ ଘରୋଇ ବସରେ ଯାତ୍ରା ଆରମ୍ଭ କରିଛନ୍ତି। ଗ୍ରୁପ ବି'ରେ ଥିବା ମାଲକାନଗିରି ଦଳ ଆସନ୍ତା ୧୭ ତାରିଖରେ ରାୟଗଡ଼ା ଦଳ, ଆସନ୍ତା ୧୯ ତାରିଖରେ କୋରାପୁଟ ଓ ଆସନ୍ତା ୨୧ ତାରିଖରେ ମୟୂରଭଞ୍ଜ ଦଳ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଗ୍ରୁପ ଏ ଓ ଗ୍ରୁପ ବିର ଶ୍ରେଷ୍ଠ ଦଳ ଆସନ୍ତା ୨୩ ତାରିଖରେ ଜୋନ ସ୍ତରୀୟ କ୍ୱାଲିଫାଇ ମ୍ୟାଚ ଖେଳିବେ। ଗସ୍ତ ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ମାଣ୍ଡାଙ୍ଗି, ଜିଲ୍ଲା ଆଥ ଲେଟିକ ଆସୋସିଏସନ ସମ୍ପାଦକ ରାମହରି ପଣ୍ଡା ଓ କୋଷାଧକ୍ଷ ଏସ. ପ୍ରସାଦ ରାଓ, ସଦସ୍ୟ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ସମୀର ଜେନା ଉପସ୍ଥିତ ରହି କ୍ରୀଡ଼ାବିତଙ୍କୁ ଶୃଙ୍ଖଳିତ ହୋଇ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିବାକୁ ପରାମର୍ଶ ଦେବା ସହ ଶୁଭକାମନା ଜଣାଇଥିଲେ।

# ଗୁରୁଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୭/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଆଳିବ୍ଲକ ମାଳପକ୍ଷଟଣା ନିବାସୀ ସ୍ୱର୍ଗତ ନଟବର ସାହୁଙ୍କ ଏକାଦଶାହ। ସେ ପେଷା ରେ ଥିଲେ ଜଣେ ଶିକ୍ଷକ। ସେ ଆଳି ବ୍ଲକ ଇଷାନେଶ୍ୱର ଉପ୍ରା ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାନ୍ତି। ସେ ଥିଲେ ଜଣେ ପରଉପକାରୀ, ମାଷ୍ଟଭାସି, ସୁ ସଂଗଠକ ଓ ଜଣେ ମେଳାପୀ ମଣିଷ। ମାଳପଟଣା ସ୍ଥିତ ଭାତୁଆ ବଟ ର ମୁଖ୍ୟ ପରିଚାଳକ କ୍ଷ ଏହା ଛଡା ୪୬ ରକ୍ତ ଦାନ କରି ଅନେକ ଜୀବନ ବଂଚାଇଥିବା ଏକ ନିଆରା ମଣିଷ। ସେ ଶ୍ରୀ ଜଗନାଥ ଚାରିଟେବୁଲ ଟ୍ରଷ୍ଟ ସହିତ ଦୀର୍ଘ ଦିନ ହେବ ଜଡିତ ରହି ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ କ୍ଷ ସେ ଟ୍ରଷ୍ଟ ର ଗୁରୁବର ଭାବ ରେ ବିଭିନ୍ନ ଉପଦେଶ ମାନ ଦେଇଥାନ୍ତି। ଟ୍ରଷ୍ଟ କିପରି ନୂତନ ସେବା ସମାଜ କୁ ପ୍ରଦାନ କରିବ ସେ ଟ୍ରଷ୍ଟ ର ସଭାପତିଙ୍କ ସହ ଆଲୋଚନା କରିଥାଆନ୍ତି। ଆଜି ତାଙ୍କ ସ୍ମୃତି ରେ ଭାତୁଆବଟ ଠାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ବିଭିନ୍ନ ଫୁଲ ଗଛ ସହିତ ରକ୍ତ ଚନ୍ଦନ, ଆମ୍ବ, ଗୁଆ, ପଣସ, ଲିଚୁ, ଜାମୁକୋଳି ଓ ସମି ବୃକ୍ଷ ଇତ୍ୟାଦି ଗଛ ଲଗାଯାଇଛି କ୍ଷ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ଏହି ଗୁରୁ ପ୍ରତିମ ବ୍ୟକ୍ତି ଙ୍କ ପାଇଁ ଏକ ସୋତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଆଜି ର କାର୍ଯ୍ୟକ୍ରମ ର ନାମ ଥିଲା 'ଗୁରୁ ଙ୍କ ପାଇଁ ଗଛ ଟିଏ'। ଏହି କାର୍ଯ୍ୟକ୍ରମକୁ ଦେଖି ତାଙ୍କର ଶିକ୍ଷକ ବନ୍ଧୁଙ୍କ ସହ ଅଂଚଳବାସୀମାନେ ଟ୍ରଷ୍ଟ ର ଏହି କାର୍ଯ୍ୟକ୍ରମକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତିଙ୍କ ସମେତ ଉପ ସଭାପତି ରଶ୍ମି ରଞ୍ଜନ ବାରିକ, ଅଶ୍ୱିନୀ ସାହୁ, ତପନ କୁମାର ନାଥ, କାଳନ୍ଦୀ ମଲିକ ଓ ଗଛ ମଣିଷ ରାଜେନ୍ଦ୍ର ଲେଙ୍କା ଉପସ୍ଥିତ ରହି କାର୍ଯ୍ୟ ଟିକୁ ସମ୍ପୂର୍ଣ କରିଥିଲେ।

# ଜିଲ୍ଲା ରେ ହେବ ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁଙ୍କ ପରିବାର ସର୍ବେକ୍ଷଣ

ପୁରୀ, ୧୭/୦୭ (ନି.ପ୍ର): ବୁଧବାରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁଙ୍କ ପରିବାର ସର୍ବେକ୍ଷଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡଃ ଅଜିତ କୁମାର ମହାପାତ୍ର, ପ୍ରୋଟେକ୍ସନ ଅଫିସର ଚନ୍ଦ୍ରପ୍ରଭା ଦେଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିଶୁ ମାନଙ୍କର ସର୍ବୋତମ ସ୍ୱାର୍ଥ ଓ ଅଧିକାର ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ସହିତ ଏହି ସର୍ବେକ୍ଷଣରେ ପ୍ରତ୍ୟେକ ଯୋଗ୍ୟ ଶିଶଙ୍କୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ତଥ୍ୟ ସମୀକ୍ଷକ ଅକ୍ଷୟ କୁମାର ଚୌଧୁରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରରେ ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟି ର ଶିଶୁ ପ୍ରକଳ୍ପ ଅଧିକାରୀ, ଆଇ ସି ଡ଼ି ଏସ ସୁପରଭାଇଜର ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ମକର୍ତ୍ତା ଓ ଅଙ୍ଗନବାଡି କର୍ମୀମାନଙ୍କ ସହଯୋଗରେ ଏହି କାର୍ଯ୍ୟ ଜିଲ୍ଲାରେ ସମ୍ପାଦିତ ହେବ ଓ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସର୍ବେକ୍ଷଣ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଦଯାପନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ହରେକୃଷ୍ଣ ସାହୁ ହିସାବ ରକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ମାପଚୁପରେ ବିଳମ୍ବ: ମନ୍ଥର ଗତିରେ ଚାଲିଛି ଜାତୀୟ ରାଜପଥ କାମ

କେନ୍ଦ୍ରାପଡ଼ା, ୧୭/୦୭ (ନି.ପ୍ର): ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ମାପ ଚୁପ ବିଳମ୍ବରୁ ମନ୍ଥର ଗତିରେ ଚାଲିଥିବା ଜଣାପଡିଛି । ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ(ରାଜସ୍ୱ) ଜାଣିବା ପରେ ଛଘରିଆ, ହଜାରି, ଶିଳିପୁର ପ୍ରଭୃତି ସ୍ଥାନରେ ମାପ ଚୁପରେ ବିଳମ୍ବ ହେତୁ ପ୍ରଶସ୍ତିକରଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବାରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲିକ ତୁରନ୍ତ ମାପଚୁପ କରାଇବା ପାଇଁ ଜିଲ୍ଲା କାର୍ଯ୍ୟାଳୟ ରେ ଅମିନଙ୍କୁ ତୁରନ୍ତ ମାର୍ଶାଘାଇ ତହସିଲ ଅଂଚଳର ଶିଳିପୁର, ହଜାରି ପ୍ରଭୃତି ଅଂଚଳରେ ମାପଚୁପ କରାଇ ଜାତୀୟ ରାଜପଥ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ସ୍ଥାନରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ମାପଚୁପ ନ ହେବାରୁ ପ୍ରଶସ୍ତିକରଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ସ୍ଥାନୀୟ ବ୍ୟକ୍ତି ବାଧ କରୁଛନ୍ତି । ଏନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲିକ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଜାତୀୟ ରାଜପଥର କନିଷ୍ଠ ଯନ୍ତ୍ରୀ ଜ୍ଞାନରଂଜନ ମହାନ୍ତି ଏବଂ ଠିକାଦାର ସୋନୀ ରାଠୋର ପ୍ରମୁଖଙ୍କୁ ଡକାଇ ମାପଚୁପ ସମୟରେ ଉପସ୍ଥିତ ରହି ପ୍ରଶସ୍ତିକରଣ କାର୍ଯ୍ୟକୁ ଆଗେଇ ନେବାକୁ ଆଲୋଚନା କରିଥିଲେ ।

# ଜୟପୁର ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

ଜୟପୁର, ୧୭/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅଧକ୍ଷା ତିଳୋତମା ମୁଦୁଲିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଆଜି ୧୯ଜଣ ସମିତିସଭ୍ୟ ଓ ୧୦ ଜଣ ସରପଂଚ ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅଧକ୍ଷା ଭାବେ ନିର୍ବାଚିତ ହେବା ପରେ ତିଳୋତମା ନିୟମିତ ଭାବେ ବ୍ଲକ କାର୍ଯ୍ୟାଳୟକୁ ଆସୁନାହାନ୍ତି କିମ୍ବା ନିୟମିତ ଭାବେ ସମିତି ବୈଠକ ଆୟୋଜନ କରୁନାହାନ୍ତି। ଏପରିକି ବିଭିନ୍ନ ସମୟରେ ସମିତି ସଭ୍ୟ ସଭ୍ୟାଙ୍କ ପ୍ରସ୍ତାବକୁ ଲିପିବଦ୍ଧ କରୁନାହାନ୍ତି। ସରକାରୀ ଯୋଜନା ପାଇଁ ଆସୁଥିବା ଅର୍ଥର ଅପବ୍ୟବହାର ଏବଂ ଠିକା କାର୍ଯ୍ୟକୁ ତାଙ୍କ ନିଜ ଲୋକଙ୍କ ମାଧମରେ କରି ଅର୍ଥ ଆତ୍ମସାତ କରୁଥିବା ସମିତି ସଭ୍ୟ ସଭ୍ୟାମାନେ ଅଭିଯୋଗ କରିଛନ୍ତି। ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ସମିତି ସଭ୍ୟ ସଭ୍ୟାମାନଙ୍କୁ ଦୁର୍ବ୍ୟବହାର କରୁଥିବା ସହ ସେ ନିଜେ ଅଧକ୍ଷ ଭଳି କାର୍ଯ୍ୟ କରୁଥିବା ଅଭିଯୋଗ କରୁଛନ୍ତି। ଅଧକ୍ଷାଙ୍କ କାର୍ଯ୍ୟକାଳ ତୃତୀୟ ବର୍ଷ ଚାଲିଛି କିନ୍ତୁ ଗାଇଡ ଲାଇନ ହିସାବରେ କୌଣସି କମିଟି ତିଆରି କରାଯାଇ ନାହିଁ। ବିଭିନ୍ନ ସ୍ଥାନରେ କାର୍ଯ୍ୟର ମାନ ନିମ୍ନ ମାନର ହେଉଛି ତାହାର ତଦାରଖ ମଧ କରାଯାଉନାହିଁ। ସରକାର ଦେଉଥିବା ଅର୍ଥରାଶିକୁ ଠିକ ରୂପେ ଗ୍ରାମ। ଗୁଡିକରେ ବିନିଯୋଗ କରାଯାଇ ପାରୁନାହିଁ। ଦାବି ପତ୍ର ପ୍ରଦାନ ସମୟରେ ବ୍ଲକ ଉପାଧକ୍ଷ ଗଣେଶ ପ୍ରସାଦ ପାଢୀ ସମେତ ସରପଂଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଧନକଉଡା ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ପୁରସ୍କାର

ସମ୍ବଲପୁର, ୧୭/୦୭ (ନି.ପ୍ର): କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତରଫରୁ ଧନକଉଡା ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସମ୍ମାନ ଜନକ ରାଷ୍ଟ୍ରୀୟ ଗୁଣବତା ସୂଚକ ମାନଦଣ୍ଡ (ଏନକ୍ୟୁଏଏସ) ପୁରସ୍କାର ମିଳିଛି ଓ ଗତ ଜୁନ ୨୦-୨୧ ତାରିଖ ରେ ୨ ଜଣିଆ ଜାତୀୟ ଦଳ ଡା. ରାଜେଶ ମିଶ୍ର ଓ ପ୍ରୀତି ସଂଗୀତା ।ରା ଆସି ଧନକଉଡା ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ୧୨ ଗୋଟି ବିଭାଗର ତର୍ଜମା କରିଥିଲେ ଓ ଏହି ଆକଳନ ସମୟରେ ଡା. ଦିଲୀପ ମୁଦୁଲି, ଡା ସୁନିତା ମେଣ୍ଡୁଲି, ଫାରମାସି ଅଫିସର ରାମଚନ୍ଦ୍ର ରାଉତ,ସୁପ୍ରୀତ ନାୟକ, ଖିତିପ୍ରଭା ଭୋଇ, ପୁଷ୍ପାଞ୍ଜଳି ପଟେଲ, ନିରୁପମା ଧଳ, ଲିଜ୍ଞାଲୀନ ପୃସେଠ, ସୁପ୍ରଭାତ ସାହୁ, ସୁପ୍ରଭା ରାଉତ, ସୋନାଲି ପ୍ରଧାନ, ମୀରାରାଣୀ ନାୟକ, ସୁପ୍ରିୟା ସାହୁ, ପ୍ରୀତ୍ୟପଦ୍ମ ରଥ ତଥା ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଓ ଜନ ଆରୋଗ୍ୟ ସମିତି ସଭ୍ୟ ଶ୍ରୀ ହୀରାଲାଲ ବେହେରା ଓ ମହିଳା ଆରୋଗ୍ୟ ସମିତି ର ସଭ୍ୟ ମାନେ ମଧ ଉପସ୍ଥିତ ରହି ସହାୟତା କରିଥିଲେ ଓ ନଗର କାର୍ଯ୍ୟକ୍ରମ ପରିଚାଳନା ବିଭାଗ ସମ୍ବଲପୁର ତରଫରୁ ଡା. ଅଶୋକ ଦାସ (ଅତିରିକ୍ତ ଜିଲ୍ଲା ନଗର ସ୍ୱାସ୍ଥ୍ୟ ଅଧିକାରୀ), ମୃତ୍ୟୁଞ୍ଜୟ ମୁଣ୍ଡ (ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ), ନିକୁ ରଞ୍ଜନ ପ୍ରତିହାରୀ (ନଗର କାର୍ଯ୍ୟକ୍ରମ ପରିଚାଳକ), ଶ୍ରୀମତୀ ଦ୍ୱୈଶାଳିନୀ ସାହୁ (ଗୁଣବତା ଅଧିକାରୀ), ମଳୟ ରଞ୍ଜନ ପାଣିଗ୍ରାହୀ (ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ, ସହରାଂଚଳ) ପ୍ରମୁଖ ଉପସ୍ଥିତ ରହି ତର୍ଜମା ପ୍ରକ୍ରିୟା କୁ ପରିଚାଳନା କରି ଥିଲେ ଓ ସମ୍ମାନ ପାଇଁ ଜାତୀୟ ଦଳ ମିଳୁଥିବା ସ୍ୱାସ୍ଥ୍ୟ ସେବା, ଔଷଧ କେନ୍ଦ୍ର, ପାଥୋଲୋଜି, ଡ୍ରେସିଂ ରୁମ, ଫିଜିଓ ଥେରାପି, ଟୀକାକରଣ, ପରିବାର ନିୟୋଜନ ତଥା ପରିଷ୍କାର ପରିଛନତା ଆଦି ତଦାରଖ କରିଥିଲେ ଓ ଏହି ଆକଳନ ରେ ସର୍ବମୋଟ ୯୧.୨୪ % ଅଙ୍କ ରଖି ଧନକଉଡା ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉତୀର୍ଣ ହୋଇ ଏହି ସମ୍ମାନ ଜନକ ଏନକ୍ୟୁଏଏସ ପୁରସ୍କାର ପାଇବା ପାଇଁ ହକଦାର ହୋଇଛି ଓ ଏହି ପୁରସ୍କାର ପାଇବା ପରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପୁରସ୍କୃତ ଦଳ ତଥା ନଗର କାର୍ଯ୍ୟକ୍ରମ ପରିଚାଳନା ବିଭାଗ, ସମ୍ବଲପୁରକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ

ପୁରୀ, ୧୭/୦୭ (ନି.ପ୍ର): ପୁରୀ ଜିଲ୍ଲାସ୍କୁଲ୍ ପରିସର ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲାପାଳ ଚଲ ରାଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ, ସେମାନଙ୍କ ମା, ଅଭିଭାବକ ଅଭିଭାବିକା, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଜିଲ୍ଲା ଶିକ୍ଷା ବିଭାଗୀୟ ଅଧିକାରୀ ମାନଙ୍କ ଗହଣରେ ବିଦ୍ୟାଳୟ ପରିସରରେ ଏକାଧିକ ଔଷଧୀୟ ଓ ଅନ୍ୟାନ୍ୟ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟସ୍ଥ ୧୦ଟି ଶ୍ରେଣୀର ଦଶ ଜଣ ମନିଟର୍ ସେମାନଙ୍କ ନାମରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଣା ପ୍ରତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବାରି/ ବଗିଚା କିମ୍ବା ନିଜ ନିଜ ହତା ଭିତରେ ଥିବା ଯେ କୌଣସି ଖାଲି ସ୍ଥାନରେ ନିଜ ନିଜ ମା ମାନଙ୍କ ନାମରେ ଗୋଟିଏ ଗୋଟିଏ ବୃକ୍ଷ ଲଗାଇ ଯତ୍ନର ସହିତ ସେ ଗୁଡିକୁ ବଢ଼ାଇବା ପାଇଁ ପରାମର୍ଶ ଓ ଉତ୍ସାହ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବ । ସମଗ୍ର ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୬୮ ହଜାର ୩୧୫ଟି ବୃକ୍ଷରୋପଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବିଜ୍ଞ ବ୍ୟକ୍ତିତ୍ୱ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ - ଅଭିଭାବିକା ଓ ଶିକ୍ଷା ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଏକ ଫଳକରେ 'ବୃକ୍ଷ ରୋପଣ' ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ସଂଗ୍ରହ କରାଯାଇ ତାହା ପ୍ରଦର୍ଶନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ପୁରୀ ସଦର ବିଇଓ ପ୍ରମୋଦ କୁମାର କର, ଜିଲ୍ଲା ସ୍କୁଲ୍ ଆଲୁମିନି କମିଟିର ସଭାପତି ରାଜକିଶୋର ପାତ୍ର, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ରାୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ବାନାର୍ଜୀ, ଶିକ୍ଷକ ବିଦ୍ୟାଧର ମିଶ୍ର ଓ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ସହଯୋଗରେ ବୃକ୍ଷରୋପଣ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ବୃକ୍ଷ ରୋପଣ କରିବା ସହ ତାଙ୍କର ପୃଷ୍ଠପୋଷକତା, ପ୍ରୋତ୍ସାହନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସାମଗ୍ରିକ ଭାବେ ପରିଚାଳିତ ହୋଇଥିଲା । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଅଂଶଗ୍ରହଣକାରୀ ପ୍ରତ୍ୟେକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଡିସିସି ଓ ଡିଇଓ, ପୁରୀଙ୍କ କାର୍ଯ୍ୟାଳୟର ଏସସି ଏସଟି ସଂଯୋଜକ ବରଦା ପ୍ରସନ୍ନ ରାଉତ ଓ କର୍ମଚାରୀ ନରେନ୍ଦ୍ର ବାବୁ ଓ ଶିକ୍ଷକ ଅନାମ ଜ୍ୟୋତି ମୁଦୁଲି, ସୁଦର୍ଶନ ସାମଲ, ସମ୍ବିତ୍ ବେହେରା ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରକାଶ ପାଇଲା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତର ପରୀକ୍ଷାଫଳ

ଭଦ୍ରକ, ୧୭/୦୭ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଦୁର୍ଗାଶଙ୍କର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ନାତକୋତର କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଏସ୍.ଏଫ୍.ସି. ବିଭାଗର ଅନ୍ତିମ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଉତୀର୍ଣ୍ଣ ହାର ୭୩.୯୧ % ରହିଛି । ଗତ ବର୍ଷ ତୁଳନାରେ ଏବର୍ଷ ପରୀକ୍ଷାରେ ଏହି ହାର ବୃଦ୍ଧି ପାଇଛି । ସ୍ନାତକୋତର କଳାରେ ୮୨.୨୫, ବିଜ୍ଞାନରେ ୭୧.୩୩, ବାଣିଜ୍ୟରେ ୪୪.୮୨ ଏବଂ ଏସ୍.ଏଫ୍.ସି. ବିଭାଗରେ ଉତୀର୍ଣ୍ଣ ହାର ୭୪.୫ ରହିଛି । କଳା ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୨୪୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୪ ଜଣ, ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୧୫୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୨ ଜଣ, ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୨୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩ ଜଣ, ଏବଂ ଏସ୍.ଏଫ୍.ସି. ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୩୦୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨୮ ଜଣ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି । ସ୍ନାତକୋତର କଳା ବିଭାଗରେ ସୁଭଦ୍ରା ବାରିକ, ବିଜ୍ଞାନ ବିଭାଗରେ ସୁବାଶିସ ଦାସ, ବାଣିଜ୍ୟ ବିଭାଗରେ ସନ୍ତୋଷୀ ଜେନା ଏବଂ ଏସ୍.ଏଫ୍.ସି. ବିଭାଗରେ ମଧୁସ୍ମିତା ସାମଲ ସର୍ବାଧିକ ନମ୍ବର ରଖି ଏହି ଶିକ୍ଷା ବର୍ଷରେ ମହାବିଦ୍ୟାଳୟର ଟପ୍ପର୍ ହେବାର ଗୌରବ ଅର୍ଜନ କରିଛନ୍ତି । ଏସ୍.ଏଫ୍.ସି. ବିଭାଗରେ ମଧୁସ୍ମିତା ସାମଲ ମହାବିଦ୍ୟାଳୟରେ ଶ୍ରେଷ୍ଠ ସ୍ନାତକୋତର ବିବେଚିତ ହୋଇଛନ୍ତି ବୋଲି ଅଧକ୍ଷ ଡ. ଦୁର୍ଗାଶଙ୍କର ଦାଶ ସୂଚନା ଦେଇଛନ୍ତି । ପରୀକ୍ଷାଫଳ ଘୋଷଣା ସମୟରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଦୁର୍ଗାଶଙ୍କର ଦାଶ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପରୀକ୍ଷାର ଉପଯୁକ୍ତ ପରିଚାଳନା ଓ ଠିକ୍ ସମୟରେ ଫଳ ପ୍ରକାଶ ନିମନ୍ତେ ପରୀକ୍ଷା ନିୟନ୍ତ୍ରଣ ବିଭାଗର ସମସ୍ତ କର୍ମକର୍ତ୍ତା ଏବଂ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ପରୀକ୍ଷା ବିଭାଗ ନିୟନ୍ତ୍ରକ ପ୍ରଫେସର ମୃତ୍ୟୁଞ୍ଜୟ ଦାସ, ଉପ-ପରୀକ୍ଷା ନିୟନ୍ତ୍ରକ ଡ. ଅଜିତ୍ କୁମାର ଦାସ, ଡ. ପ୍ରତାପ ଚନ୍ଦ୍ର ସାହୁ, ଡ. ପଦ୍ମନାଭ ମହାନ୍ତି, ଅର୍ଥନୀତି ବିଭାଗ ମୁଖ୍ୟ ଡ. ଦିନେଶ ଚନ୍ଦ୍ର ଦାଶ, ରସାୟନ ବିଭାଗ ମୁଖ୍ୟ ଡ. ପଦ୍ମନାଭ ପତ୍ରୀ, ଡ. ଲକ୍ଷ୍ମୀକାନ୍ତ ନାୟକ, ଇଂରାଜୀ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ସେଠୀ, ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା, ପରୀକ୍ଷା ନିୟନ୍ତ୍ରଣ ବିଭାଗର ସୁରେଶ ଚନ୍ଦ୍ର ରାଉତ, ମଦନ ମୋହନ ବିନ୍ଧାଣି, ଜୟ ଗୋପାଳ ସେଠୀ , ସତ୍ୟଶିବ ସୁନ୍ଦର ସାମଲ ଓ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ପରୀକ୍ଷା ଫଳ ପ୍ରକାଶ ସମୟରେ ଉପସ୍ଥିତ ରହିଥିଲେ ।

# ବରିଷ୍ଠ ନାଗରିକ ମଂଚ ତରଫରୁ ଶ୍ରଦ୍ଧାଞ୍ଜଳୀ

କେନ୍ଦ୍ରାପଡ଼ା, ୧୭/୦୭ (ନି.ପ୍ର): ଫକିର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁରେ ଜିଲ୍ଲା ବରିଷ୍ଠ ନାଗରୀକ ମଂଚ ତରଫରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଖଡିଅଙ୍ଗସ୍ଥିତ କାର୍ଯ୍ୟଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଉପସ୍ଥିତ ସଦସ୍ୟମାନେ ଗୋଟିଏ ଗୋଟିଏ ଦୀପଦାନ ସହ ନୀରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ସୌମ୍ୟାଶ୍ରୀଙ୍କ ଭଳି ଜଣେ ମେଧାବୀ ସମ୍ପନ୍ନା ଏବଂ ଉଚ୍ଚମନା ବିଦ୍ୟାର୍ଥୀ କଲେଜ କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇ ଅକାଳରେ ପ୍ରାଣ ହରାଇଲେ । ସେଥିପାଇଁ ଜିଲ୍ଲା ବରିଷ୍ଠନାଗରୀକ ମଂଚ ନିନ୍ଦା ପ୍ରସ୍ତାବ ଗ୍ରହଣ କରି ଦୋଷିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଂ ଦାବି କରାଯାଇଥିଲା। ମଂଚର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ କାର୍ଯ୍ୟକାରୀ ସଭାପତି ସମାଜସେବୀ ଫକିର ଚରଣ ଖଟୁଆ, ଉପସଭାପତି ପ୍ରହଲ୍ଲାଦ ମଲ, ସାଧାରଣ ସମ୍ପାଦକ ନରୋତମ ଜେନା, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ନାୟକ, ଅର୍ଥ ସମ୍ପାଦକ ରବିନ୍ଦ୍ର ନାଥ ବାରିକ, ଉପ ସଭାପତି ଅକମଲ ଅଲ୍ଲୀ, ସଂଗଠନର ବରିଷ୍ଠ ସଭ୍ୟ ପରମାନନ୍ଦ ସେଠୀ, ଅଦ୍ୱୈତ କୁମାର ଦାସ, ବୈଷ୍ଣବ ଚରଣ ପ୍ରଧାନ, ନିତ୍ୟାନନ୍ଦ ସୁଆର, ନୁରୁଲ ଅମିନ, କିଶୋର ଚନ୍ଦ୍ର ପରିଡା ପ୍ରମୁଖ ସ୍ୱର୍ଗତା ଛାତ୍ରୀ ବିଶିଙ୍କ ଗୁଣଗାନ କରି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ମୁଖ୍ୟ ସଂଗଠକ ଶୈଳନ୍ଦ୍ର କୁମାର ମହାନ୍ତି ସଂଯୋଜନା କରିବା ବେଳେ ସଭ୍ୟ ବସନ୍ତ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# କ'ଣ ପାଇଁ ହୁଏ ଗଲ୍‌ଷ୍ଟୋନ୍ ?





## ଜାଣନ୍ତୁ ପିତ୍ତାଶୟରେ ପଥର ହେବାର ଲକ୍ଷଣ, କାରଣ, ଚିକିତ୍ସା

ପିତ୍ତାଶୟ ପଥର ବା ଗଲ୍ଷ୍ଟୋନ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା, ଯାହା ପିତ୍ତାଶୟରେ କଠିନ ଜମାଟ ଦ୍ରବ୍ୟ ହିସାବରେ ଗଠିତ ହୁଏ । ଏହା ପ୍ରାୟତଃ କୋଲେଷ୍ଟରଲ, ବିଲିରୁବିନ ବା କ୍ୟାଲସିୟମ ଲବଣରୁ ତିଆରି ହୁଏ । ଏହା ଆକାରରେ ବାଲି କଣାଠାରୁ ଆରମ୍ଭ କରି ଗଲ୍ଫ ବଲ୍ ପର୍ଯ୍ୟନ୍ତ ହୋଇପାରେ । ଏହି ସମସ୍ୟା ୫୦ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ଅଧିକ ଦେଖାଯାଏ, ବିଶେଷକରି ମହିଳାଙ୍କଠାରେ ।

ଆଜିକାଲି ଏହା ଏକ ସାଧାରଣ ସମସ୍ୟା ପାଲଟିଛି । କେତେକ ସମୟରେ ଏଗୁଡ଼ିକ ଛୋଟ ପଥର ହୋଇଥାଏ ଏବଂ କୌଣସି ଲକ୍ଷଣ ବିନା ରହିଥାଏ, କିନ୍ତୁ ଯେତେବେଳେ ଏହା ବଡ଼ ହୋଇଯାଏ କିମ୍ବା ଗତି କରେ ଏବଂ ଅବରୋଧ ସୃଷ୍ଟି କରେ, ସେତେବେଳେ ପ୍ରବଳ ଯନ୍ତ୍ରଣା, ବାନ୍ତି, ଗ୍ୟାସ କିମ୍ବା ଜ୍ୱର ଭଳି ସମସ୍ୟା ଆରମ୍ଭ ହୁଏ । ଏପରି ପରିସ୍ଥିତିରେ, ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଯେ ଏହାକୁ ଅପରେସନ ବିନା ଭଲ କରାଯାଇପାରିବ କି ଅସ୍ତ୍ରୋପଚାର ଶେଷ ଉପାୟ ।

ଲକ୍ଷଣ : ଅନେକ କ୍ଷେତ୍ରରେ ପିତ୍ତାଶୟ ପଥର କୌଣସି ଲକ୍ଷଣ ଦେଖାଏ ନାହିଁ, ଯାହାକୁ "ସାଇଲେଣ୍ଟ ଷ୍ଟୋନ" କୁହାଯାଏ । କିନ୍ତୁ ଯଦି ପଥର ପିତ୍ତ ନଳୀରେ ଅବରୋଧ ସୃଷ୍ଟି କରେ, ତେବେ ନିମ୍ନଲିଖିତ ଲକ୍ଷଣ ଦେଖାଦେଇପାରେ :

-ଉପର ଡାହାଣ ପେଟରେ ତୀବ୍ର କିମ୍ବା ନିରନ୍ତର ଯନ୍ତ୍ରଣା (ବିଲିଆରୀ କୋଲିକ)
-ବାନ୍ତି ଓ ଅଜଣା ଅନୁଭବ
-ପେଟ ଫମ୍ପୁରା ଓ ଗ୍ୟାସ ସମସ୍ୟା
-ଜଣ୍ଡିସ (ଚର୍ମ ଓ ଆଖିରେ ହଳଦିଆ ରଙ୍ଗ)
-ଜ୍ୱର, ଥଣ୍ଡା ଲାଗିବା ବା ଦ୍ରୁତ ହୃତ୍ସ୍ପନ୍ଦନ

ପିତ୍ତ ପଥର ପଛରେ କାରଣ :

ପିତ୍ତ ପଥର ପଛରେ ଅନେକ କାରଣ ଥାଇପାରେ । ସବୁଠାରୁ ସାଧାରଣ କାରଣ ହେଉଛି ଶରୀରରେ କୋଲେଷ୍ଟ୍ରରଲ ଅତ୍ୟଧିକ ହେବା । ଯେଉଁ ଲୋକମାନଙ୍କର ଖାଦ୍ୟ ବହୁତ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଥାଏ କିମ୍ବା ଯେଉଁମାନେ ଦୀର୍ଘ ସମୟ ଧରି ଭୋକିଲା ରୁହନ୍ତି, ସେମାନଙ୍କ ପାଖରେ ଏହି ରୋଗର ଆଶଙ୍କା ଅଧିକ ଥାଏ । ସ୍ଥୂଳତା, ମଧୁମେହ, ଚର୍ବି ଯକୃତ, ଦ୍ରୁତ ଓଜନ ହ୍ରାସ, ଦୀର୍ଘକାଳୀନ ଗର୍ଭନିରୋଧକ ବଟିକା ବ୍ୟବହାର ଏବଂ ଗର୍ଭାବସ୍ଥା ପରେ ମହିଳାମାନଙ୍କ ହରମୋନ ପରିବର୍ତ୍ତନ ମଧ୍ୟ ଏହି ରୋଗର ବିପଦକୁ ବୃଦ୍ଧି କରେ ।

ଚିକିତ୍ସା : ଲକ୍ଷଣବିହୀନ ପଥର ପାଇଁ ସାଧାରଣତଃ ଚିକିତ୍ସାର ଆବଶ୍ୟକତା ନଥାଏ । କିନ୍ତୁ ଯଦି ଯନ୍ତ୍ରଣା ବା ଜଟିଳତା ଦେଖାଦିଏ, ତେବେ ନିମ୍ନଲିଖିତ ଚିକିତ୍ସା ବିକଳ୍ପ ଉପଲବ୍ଧ : ଅସ୍ତ୍ରୋପଚାର (କୋଲେସିଷ୍ଟେକ୍ଟୋମୀ) : ପିତ୍ତାଶୟ ଅପସାରଣ ହେଉଛି ସବୁଠାରୁ ସାଧାରଣ ଓ ପ୍ରଭାବଶାଳୀ ଚିକିତ୍ସା । ଲାପାରୋସ୍କୋପିକ କୋଲେସିଷ୍ଟେକ୍ଟୋମୀ (କୀହୋଲ ସର୍ଜରୀ) ସାଧାରଣତଃ କରାଯାଏ, ଯାହା ୬୦-୯୦ ମିନିଟ ସମୟ ନେଇଥାଏ ଏବଂ ରୋଗୀ ସାଧାରଣତଃ ଦିନେ ମଧ୍ୟରେ ଘରକୁ ଫେରିପାରନ୍ତି । ପିତ୍ତାଶୟ ଅପସାରଣ ପରେ ବିଲେ ସିଧାସଳଖ ଯକୃତରୁ କ୍ଷୁଦ୍ରାନ୍ତ୍ରକୁ ଯାଇଥାଏ, ଯାହା ସାଧାରଣତଃ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରେ ନାହିଁ ।

ନିର୍ଣ୍ଣୟ : ପିତ୍ତାଶୟ ପଥର ନିର୍ଣ୍ଣୟ ପାଇଁ ନିମ୍ନଲିଖିତ ପରୀକ୍ଷା କରାଯାଏ :

-ଆଲଟ୍ରାସାଉଣ୍ଡ : ଏହା ସବୁଠାରୁ ସାଧାରଣ ଓ ନିରାପଦ ପଦ୍ଧତି ।
-CT ସ୍କାନ, MRI, MRCP ବା EUS : ଛୋଟ ପଥର ବା ନଳୀରେ ଅବରୋଧ ଚିହ୍ନଟ କରିବା ପାଇଁ ।
-ରକ୍ତ ପରୀକ୍ଷା : ସଂକ୍ରମଣ, ଜଣ୍ଡିସ ବା ପାଙ୍କ୍ରିଆଟାଇଟିସ ଚିହ୍ନଟ କରିବା ପାଇଁ ।

ପ୍ରତିରୋଧ : ପିତ୍ତାଶୟ ପଥର ରୋକିବା ପାଇଁ ନିମ୍ନଲିଖିତ ପଦକ୍ଷେପ ନେଇପାରିବେ :

ସ୍ୱାସ୍ଥ୍ୟକର ଖାଦ୍ୟ : ଫାଇବରଯୁକ୍ତ ଖାଦ୍ୟ ଖାଆନ୍ତୁ, ଚର୍ବିଯୁକ୍ତ ଓ ପ୍ରୋସେସ୍ଡ ଫୁଡ୍‌କୁ ଏଡ଼ାନ୍ତୁ ।

ଓଜନ ନିୟନ୍ତ୍ରଣ : ଦ୍ରୁତ ଓଜନ ହ୍ରାସ ଏଡ଼ାନ୍ତୁ, ଧୀରେ ଧୀରେ ଓଜନ କମାନ୍ତୁ ।

ନିୟମିତ ଶାରୀରିକ କାର୍ଯ୍ୟକଳାପ : ଏହା ପିତ୍ତାଶୟର ସଠିକ କାର୍ଯ୍ୟକୁ ସହାୟକ ହୁଏ ।

ପର୍ଯ୍ୟାପ୍ତ ଜଳ ପାନ : ଦିନକୁ ୬-୮ ଗ୍ଲାସ ଜଳ ପିଅନ୍ତୁ ।

ଜଟିଳତା :

ଚିକିତ୍ସା ନକଲେ ପିତ୍ତାଶୟ ପଥର ନିମ୍ନଲିଖିତ ଜଟିଳତା ସୃଷ୍ଟି କରିପାରେ :

କୋଲେସିଷ୍ଟାଇଟିସ : ପିତ୍ତାଶୟରେ ପ୍ରଦାହ ।

ପାଙ୍କ୍ରିଆଟାଇଟିସ : ପିତ୍ତ ନଳୀ ଅବରୋଧ ହେଲେ ଅଗ୍ନାଶୟରେ ପ୍ରଦାହ ।

ଜଣ୍ଡିସ : ବିଲେ ପ୍ରବାହ ଅଟକିବା ଯୋଗୁଁ ଚର୍ମ ଓ ଆଖି ହଳଦିଆ ହେବା ।

ପିତ୍ତାଶୟ କର୍କଟ : ବିରଳ ହେଲେ ମଧ୍ୟ ଏକ ଜଟିଳତା ।

ଯଦି ଆପଣ ପେଟରେ ତୀବ୍ର ଯନ୍ତ୍ରଣା, ଜଣ୍ଡିସ ବା ଜ୍ୱର ଅନୁଭବ କରୁଛନ୍ତି, ତୁରନ୍ତ ଜଣେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ବା ସର୍ଜନଙ୍କୁ ପରାମର୍ଶ କରନ୍ତୁ । ସଠିକ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ପିତ୍ତାଶୟ ପଥରର ଜଟିଳତାକୁ ଏଡ଼ାଯାଇପାରିବ ।

## ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା

ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି । ହେଲେ ଏଭଳି ଖାଦ୍ୟର ସୁପ୍ରଭାବ ମାନସିକତା ଉପରେ ମଧ୍ୟ ପଡ଼ିଥାଏ । ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି । 'ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା । କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା । ପରିଶେଷରେ ଜଣାପଡିଥିଲା ଯେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିଲା । କେବଳ ସନ୍ତୁଳିତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ କଲେ ମଧ୍ୟ ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ ।



## କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

### ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...



■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ । ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି ।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ । କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି ।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ । ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ ।

■ସକାଳ ଅବା ସନ୍ଧ୍ୟା ସମୟ ଦାନ ପାଇଁ ଉପଯୁକ୍ତ ହୋଇଥାଏ ।

## ସବୁଜ ଚା’ ନା ନିମ୍ବ ପତ୍ର କେଉଁଟି ଭଲ କେଶ ପାଇଁ ?

### ଦୀର୍ଘ ଓ ଘନ କେଶ କାହାକୁ ବା ପସନ୍ଦ ନୁହେଁ ? ଉଭୟ ପୁରୁଷ ଓ ମହିଳାଙ୍କୁ ଘନ କେଶ ପସନ୍ଦ । ହେଲେ ଉତ୍ତମ କେଶ ମନକୁ ମନ ହୋଇଯାଏନି । ସେଥିପାଇଁ ଆମକୁ କିଛି ଘରୋଇ ଉପଚାର କରିବାକୁ ପଡ଼ିଥାଏ । ଆଜିକାଲି ଲୋକ ଅନେକ ଘରୋଇ ଉପଚାର ଆପଣଉଛନ୍ତି ମଧ୍ୟ ।

କେଶକୁ ବଢ଼ାଇବା ପାଇଁ ଲୋକ ସବୁଜ ଚା’ ଓ ନିମ୍ବ ପତ୍ରକୁ ପ୍ରୟୋଗ କରିଥାନ୍ତି । ମାତ୍ର ଏହି ଦୁଇଟି ପତ୍ର ମଧ୍ୟରୁ କେଉଁଠି ଆପଣଙ୍କ କେଶ ପାଇଁ ଅଧିକ ଲାଭକାରୀ ଜାଣନ୍ତି କି ? ଏହି କଥା ଅଧିକାଂଶ ଲୋକ ଜାଣନ୍ତି ନାହିଁ । ଚାଲନ୍ତୁ ଜାଣିବା ଉତ୍ତମ କେଶ ପାଇଁ କାହାର ପ୍ରୟୋଗ କରିବା ଉଚିତ ।

ସବୁଜ ଚା’ ପତ୍ର ଏ ଦୃଷ୍ଟିରୁ ବହୁତ ଭଲ । ସବୁଜ ଚା’ ପିଇବା ଯେପରି ଭଲ ତାହାକୁ ବାଟିକି ମୁଣ୍ଡରେ ଲେପ ଦେବା ବି ଭଲ ହୋଇଥାଏ । ନିମ୍ବ ପତ୍ରକୁ ବି ଲେପ କରି କେଶରେ ଲଗାଇବା ଭଲ । ଏହି ନିମ୍ବ ପତ୍ର କେଶରୁ ଉକୁଣି ସମସ୍ୟା ବି ଦୂର କରିଥାଏ ।

ସବୁଜ ଚା’ ଓ ନିମ୍ବ ପତ୍ରର ସ୍ପ୍ରେ ବି ସପ୍ତାହକୁ ଥରେ ଦୁଇ ଥର କରିବା ଭଲ । ସବୁଜ ଚା’ରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ କେଶର ବୃଦ୍ଧି ପାଇଁ ଖୁବ୍ ଭଲ କାମ କରେ ।

ସେହିପରି ନିମ୍ବରେ ରହିଛି ଆଣ୍ଟି ବାକ୍ଟେରିୟାଲ୍ ଏବଂ ଆଣ୍ଟି ଫଙ୍ଗଲ ଗୁଣ । ଯାହାକି କେଶକୁ ରୂପି ସମସ୍ୟାରୁ ରକ୍ଷା କରେ ।





## ଚା’, କଫି ଛାଡ଼ନ୍ତୁ: ସୁସ୍ଥ ରହିବାକୁ ଚାହୁଁଥିଲେ ପଇଡ଼ ପାଣି ପିଅନ୍ତୁ

ଉଭୟ ଖାଇବା ଓ ପିଇବା ମଣିଷ ଶରୀର ପାଇଁ ଜରୁରୀ । ଉପଯୁକ୍ତ ଖାଦ୍ୟ ଓ ପାନୀୟର ଅଭାବ ହେଲେ ଶରୀରରେ ବିଭିନ୍ନ ପ୍ରକାରର ରୋଗ ହୁଏ ।

ଆମେ ଭାରତୀୟ ଲୋକମାନେ ଚା ଓ କଫି ପିଇବାକୁ ଖୁବ୍ ଭଲପାଆନ୍ତି । ହେଲେ ଏହି ସବୁ ପାନୀୟରେ କ୍ୟାଫିନ ଥିବା ହେତୁ ଏହା ଶରୀର ପାଇଁ ଉପଯୁକ୍ତ ହୋଇନଥାଏ ।

ତେଣୁ ସବୁଠାରୁ ଭଲ ପାନୀୟ ଭାବେ ଆମେ ପଇଡ଼ ପାଣିକୁ ନେଇପରିବା । ପଇଡ଼ ପିଇବା ଦ୍ୱାରା ଶରୀରର ନାନା ରୋଗ ଭଲ ହୋଇଯାଏ ।

ଏଥିରେ ରହିଛି ଭିଟାମିନ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଏବଂ ବିଭିନ୍ନ ପ୍ରକାରର ମିନେରାଲ୍ସ । ଯାହାକି ଶରୀର ପାଇଁ ଖୁବ୍ ଭଲ ।

ପଇଡ଼ ପିଇବା ଦ୍ୱାରା ଗ୍ୟାଷ୍ଟ୍ରିକ, ହଜମ ସମସ୍ୟା ଆଦି ଦୂର ହୋଇଥାଏ । ପେଟରେ ଥିବା ସଂକ୍ରମଣ ବି ପଇଡ଼ ପିଇବା ଦ୍ୱାରା ଭଲ ହୋଇଯାଏ ।

ଜଣ୍ଡିସ, ରକ୍ତଚାପ ରୋଗୀ, ଗର୍ଭବତୀ ମହିଳା ଆଦି ପଇଡ଼ ପିଇବା ଖୁବ୍ ଭଲ ।

ପଇଡ଼ ମନ ଇଚ୍ଛା ପାଇପାରିବେ ନାହିଁ । ଦିନକୁ ୨ ଥର ପଇଡ଼ ପିଇବା ଉଚିତ । ଥରେ ପିଇଲେ ବି ଚଳିବ । ନିଜକୁ ଫିଟ୍ ରଖିବାକୁ ଅତି କମରେ ସପ୍ତାହକୁ ଥରେ ପଇଡ଼ ପିଅନ୍ତୁ ।



## ସକାଳେ ଖାଲି ପେଟରେ ହଳଦୀ ପାଣି ପିଇଲେ ମିଳିଥାଏ ଅନେକ ଲାଭ

ସକାଳେ ଖାଲି ପେଟରେ ଖାଉଥିବା କିମ୍ବା ପିଉଥିବା ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କିପରି ହେବ ତାହା ନିର୍ଣ୍ଣୟ କରେ । ଯଦି ଆପଣ ଖାଲି ପେଟରେ ସୁସ୍ଥ ଖାଦ୍ୟ ଖାଆନ୍ତି, ତେବେ ଆପଣ ସାରା ଦିନ ଆକ୍ଟିଭ୍ ରହିବେ । ଯଦି ଜଙ୍କଫୁଡ୍ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟ ସହିତ ଆପଣ ଦିନଚର୍ଯ୍ୟା ଆରମ୍ଭ କରନ୍ତି, ତେବେ ତୁରନ୍ତ ରୋଗ ମାଡ଼ିଆସିବ । ଏପରି ସ୍ଥିତିରେ ଖାଲି ପେଟରେ ହଳଦୀ ପାଣି ପିଇବା ବହୁତ ଲାଭଦାୟକ ହୋଇଥାଏ । ହଳଦୀ ହେଉଛି ଭାରତୀୟ ରୋଷେଇ ଘରେ ବ୍ୟବହୃତ ହେଉଥିବା ଏକ ସାଧାରଣ କିନ୍ତୁ ବହୁତ ଶକ୍ତିଶାଳୀ ମସଲା । ଏଥିରେ ଥିବା କରକ୍ୟୁମିନ ଏକ ଆଣ୍ଟିଅକ୍ସିଡାଣ୍ଟ, ପ୍ରଦାହ-ରୋଧକ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ବୋଲି ବିବେଚନା କରାଯାଏ । ବିଶେଷକରି ଯେତେବେଳେ ହଳଦୀକୁ ସକାଳେ ଖାଲି ପେଟରେ ଉଷୁମ ପାଣି ସହିତ ପିଇଥାନ୍ତି ଏହାର ଲାଭ ଆହୁରି ବଢ଼ିଯାଏ । ଆୟୁର୍ବେଦ ଏବଂ ବିଜ୍ଞାନ ଉଭୟ କୁହନ୍ତି ଯେ, ହଳଦୀ ପାଣି ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇପାରେ । ଆୟୁର୍ବେଦ ବିଭାଗର ମୁଖ୍ୟ ଡାକ୍ତର ଏହାର ଉପାଦେୟ ବିଷୟରେ କହିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜନସଂଖ୍ୟା ହ୍ରାସ ପ୍ରକୃତି ପାଇଁ ଭଲ କି ? ଜାପାନର ଅନୁଭୂତି କିଛି ଭିନ୍ନ କଥା କହୁଛି

ସାଧାରଣତଃ ଏକ ଧାରଣା ରହିଛି ଯେ ଜନସଂଖ୍ୟା ହ୍ରାସ ପରିବେଶ ପାଇଁ ଲାଭଦାୟକ ହୋଇଥାଏ, କାରଣ କମ୍ ଲୋକ ଅର୍ଥାତ୍ ପ୍ରାକୃତିକ ସମ୍ବଳ ଉପରେ କମ୍ ଚାପ । ବିଗତ କିଛି ଦଶନ୍ଧି ଧରି ବିଶ୍ୱ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ଜୈବ ବିବିଧତାରେ ବ୍ୟାପକ ହ୍ରାସ ଘଟିଛି। କିନ୍ତୁ ଜାପାନର ଅନୁଭୂତି ଏହି ଧାରଣାକୁ ଚ୍ୟାଲେଞ୍ଜ କରୁଛି । ବିଶ୍ୱର ଅନେକ ଦେଶରେ ଜନସଂଖ୍ୟା ହ୍ରାସ ପାଇବାକୁ ଥିବାବେଳେ, ଜାପାନ ଏହି କ୍ଷେତ୍ରରେ ଏକ ଅଗ୍ରଦୂତ ଭାବରେ ଉଭା ହୋଇଛି, ଯାହା ଦର୍ଶାଉଛି ଯେ କେବଳ ଜନସଂଖ୍ୟା କମିଗଲେ ପ୍ରକୃତି ଆପେ ଆପେ ସୁସ୍ଥ ହୋଇନଥାଏ ।

ଜାପାନରେ କରାଯାଇଥିବା ଏକ ବ୍ୟାପକ ଗବେଷଣା ଏହି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛି । ୨୦୦୩ ମସିହାରୁ ଜାପାନ ସରକାରଙ୍କ 'ମନିଟରିଂ ସାଇଟ୍ସ ୧,୦୦୦' ପ୍ରକଳ୍ପ ଅଧୀନରେ ଶହ ଶହ ନାଗରିକ ବୈଜ୍ଞାନିକ ୧୫୮ଟି ସ୍ଥାନରୁ ୧.୫ ନିୟୁତ ପ୍ରଜାତିର ତଥ୍ୟ ସଂଗ୍ରହ କରିଛନ୍ତି। ଏହି ଅଧ୍ୟୟନ ପକ୍ଷୀ, ପ୍ରଜାପତି, ଜୁଳୁଜୁଳିଆ ପୋକ, ବେଙ୍ଗ ଏବଂ ୨,୯୨୨ଟି ସ୍ଥାନୀୟ ତଥା ଅଣ-ସ୍ଥାନୀୟ ଉଦ୍ଭିଦ ପ୍ରଜାତିକୁ ଅନ୍ତର୍ଭୁକ୍ତ କରିଥିଲା । ଆଶ୍ଚର୍ଯ୍ୟଜନକ ଭାବରେ, ଜନସଂଖ୍ୟା ହ୍ରାସ ପାଇଥିବା ଅଧିକାଂଶ ଅଞ୍ଚଳରେ ଜୈବ ବିବିଧତା ହ୍ରାସ ପାଇବାରେ ଲାଗିଛି । କେବଳ ଯେଉଁଠାରେ ଜନସଂଖ୍ୟା ସ୍ଥିର ରହିଛି, ସେଠାରେ ଜୈବ ବିବିଧତା ଅଧିକ ସ୍ଥିର ରହିଛି, କିନ୍ତୁ ସେହି ଅଞ୍ଚଳଗୁଡ଼ିକରେ ମଧ୍ୟ ଜନସଂଖ୍ୟା ବୃଦ୍ଧ ହେଉଥିବାରୁ ଖୁବ୍ ଶୀଘ୍ର ହ୍ରାସ ପାଇବାର ସମ୍ଭାବନା ରହିଛି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଜୈବ ବିବିଧତାର ପୁନରୁଦ୍ଧାର ପାଇଁ ସକ୍ରିୟ ପରିଚାଳନା ଅତ୍ୟନ୍ତ ଜରୁରୀ।

ଚର୍ଣ୍ଣୋବିଲ୍ ଭଳି ହଠାତ୍ ଜନଶୂନ୍ୟ ହୋଇଯାଇଥିବା ଅଞ୍ଚଳରେ ବନ୍ୟଜନ୍ତୁଙ୍କ ପୁନରୁତ୍ଥାନ ଦେଖାଯାଇଥିବା ବେଳେ, ଜାପାନରେ ଜନସଂଖ୍ୟା ହ୍ରାସ ଧୀରେ ଧୀରେ ଘଟିଛି । ଏଠାରେ ଭୂମି ଉପଯୋଗର ଏକ ମୋଜାଇକ୍ ପାଟର୍ନ ଦେଖାଯାଏ; କିଛି ଚାଷଜମି ପରିତ୍ୟକ୍ତ ହୋଇଯାଉଛି, କିଛି ସହରୀ ବିକାଶ ପାଇଁ ବିକ୍ରି ହେଉଛି, ଏବଂ କିଛି ଅତ୍ୟଧିକ ଚାଷ କରାଯାଉଥିବା ଜମିରେ ପରିଣତ ହେଉଛି । ଏହା ବ୍ୟାପକ ପ୍ରାକୃତିକ ପୁନରୁତ୍ଥାନ କିମ୍ବା ବନୀକରଣକୁ ରୋକିଥାଏ ଯାହା ଜୈବ ବିବିଧତାକୁ ସମୃଦ୍ଧ କରିଥାନ୍ତା । ପାରମ୍ପରିକ କୃଷି ଏବଂ ଜୀବିକା ନିର୍ବାହ ପ୍ରଣାଳୀ, ଯେପରିକି ଧାନ କ୍ଷେତରେ ଜଳସେଚନ, ବୃକ୍ଷରୋପଣ, ଏବଂ ସମ୍ପତ୍ତିର ରକ୍ଷଣାବେକ୍ଷଣ, ଜୈବ ବିବିଧତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜନସଂଖ୍ୟା ହ୍ରାସ ହେତୁ ଏହି ପାରମ୍ପରିକ ପ୍ରଥାଗୁଡ଼ିକର ଅଭାବ ପ୍ରକୃତି ପାଇଁ ବିନାଶକାରୀ ହୋଇପାରେ । ଏହା ବ୍ୟତୀତ, ଜାପାନରେ 'ଆକିୟା' ବା ପରିତ୍ୟକ୍ତ ଘରର ସଂଖ୍ୟା ଦେଶର ମୋଟ ଆବାସିକ ଘରର ପ୍ରାୟ ୧୫%ରେ ପହଞ୍ଚିଥିବା ସତ୍ତ୍ୱେ, ନୂତନ ଗୃହ ନିର୍ମାଣ ଅବିରତ ଭାବରେ ଚାଲିଛି । ୨୦୨୪ରେ ୭୯୦,୦୦୦ରୁ ଅଧିକ ନୂଆ ଘର ନିର୍ମାଣ କରାଯାଇଛି। ଏହା ସହିତ ରାସ୍ତା, ସପିଂ ମଲ୍, କ୍ରୀଡ଼ା ସୁବିଧା ଏବଂ ସୁବିଧା ଷ୍ଟୋରଗୁଡ଼ିକର ନିର୍ମାଣ ମଧ୍ୟ ଜାରି ରହିଛି। ଏହିସବୁ କାରଣରୁ, କମ୍ ଲୋକ ଥିବା ସତ୍ତ୍ୱେ ବନ୍ୟଜନ୍ତୁଙ୍କ ପାଇଁ ସ୍ଥାନ ଏବଂ ବାସସ୍ଥାନ କମିଯାଉଛି ।

ଏହି ଗବେଷଣା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଜନସଂଖ୍ୟା ହ୍ରାସ ପାଉଥିବା ଅଞ୍ଚଳରେ ଜୈବ ବିବିଧତାର ପୁନରୁଦ୍ଧାର ପାଇଁ ସକ୍ରିୟ ପରିଚାଳନା ଅତ୍ୟନ୍ତ ଜରୁରୀ। ଜାପାନରେ କିଛି ମାତ୍ରାରେ ପ୍ରକୃତିକରଣ (rewilding) ପ୍ରକଳ୍ପ ରହିଛି, କିନ୍ତୁ ଏହାକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ରହିଛି । ସ୍ଥାନୀୟ ପ୍ରାଧିକରଣଗୁଡ଼ିକୁ ପରିତ୍ୟକ୍ତ ଜମିକୁ ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ସଂରକ୍ଷଣ କ୍ଷେତ୍ରରେ ପରିଣତ କରିବାକୁ କ୍ଷମତା ଦିଆଯାଇପାରେ । ପ୍ରାକୃତିକ ସମ୍ବଳର କ୍ଷୟ ବିଶ୍ୱ ଅର୍ଥନୈତିକ ସ୍ଥିରତା ପାଇଁ ଏକ ବ୍ୟବସ୍ଥିତ ବିପଦ । ସରକାର ଏବଂ କର୍ପୋରେସନମାନଙ୍କୁ ମାଛ ଷ୍ଟକ୍ ହ୍ରାସ କିମ୍ବା ଜଙ୍ଗଲ ନଷ୍ଟ ଭଳି ପରିବେଶଗତ ବିପଦ ପାଇଁ ଅଧିକ ଉତ୍ତରଦାୟୀ ହେବାକୁ ପଡିବ । ଉଦାହରଣ ସ୍ୱରୂପ, ଜାପାନୀ କମ୍ପାନୀମାନେ କମୁଥିବା ଜନସଂଖ୍ୟା ପାଇଁ ଅଧିକ ଭିତ୍ତିଭୂମିରେ ଖର୍ଚ୍ଚ କରିବା ପରିବର୍ତ୍ତେ, କାର୍ବନ କ୍ରେଡିଟ୍ ପାଇଁ ସ୍ଥାନୀୟ ପ୍ରାକୃତିକ ଜଙ୍ଗଲ ବୃଦ୍ଧି କରିବାରେ ନିବେଶ କରିପାରିବେ।

ଜନସଂଖ୍ୟା ହ୍ରାସ ଏକବିଂଶ ଶତାବ୍ଦୀର ଏକ ବିଶ୍ୱସ୍ତରୀୟ ମହାପ୍ରବୃତ୍ତି ଭାବରେ ଉଭା ହେଉଛି । ଯଦି ଏହାକୁ ସଠିକ୍ ଭାବରେ ପରିଚାଳନା କରାଯାଏ, ତେବେ ଏହା ବିଶ୍ୱର ଅତ୍ୟନ୍ତ ଜରୁରୀ ପରିବେଶ ସମସ୍ୟା, ଯେପରିକି ସମ୍ବଳ ଏବଂ ଶକ୍ତିର ଉପଯୋଗ, ନିର୍ଗମନ ଏବଂ ବର୍ଜ୍ୟବସ୍ତୁ, ଏବଂ ପ୍ରକୃତି ସଂରକ୍ଷଣକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ । କିନ୍ତୁ ଏହି ସୁଯୋଗଗୁଡ଼ିକୁ ବାସ୍ତବ ରୂପ ଦେବା ପାଇଁ ଏହାକୁ ସକ୍ରିୟ ଭାବରେ ପରିଚାଳନା କରିବାକୁ ପଡିବ । ନଚେତ୍, ଜନସଂଖ୍ୟା ହ୍ରାସର ପରିବେଶଗତ ଲାଭ କେବଳ ଏକ ମିଥ୍ୟା ଧାରଣା ହୋଇ ରହିଯିବ।

# ଓଡ଼ିଆ ବାଂମୟ ଜଗତର ଔଜ୍ଜ୍ୱଲ୍ୟ ଆଭା ବିଦ୍ୟୁତପ୍ରଭା

## ସୁବାସ ଚନ୍ଦ୍ର ସାହାଣୀ

ଗାଁ'ମାଟିରେ ଜନ୍ମିତ କାଳଜୟୀ କବିତାର ସ୍ରଷ୍ଟା । ଯେଉଁ କବିତାରେ ପ୍ରାଣ, ପ୍ରଦୀପ, ପ୍ରଫୁଲ୍ଲ ପୁଷ୍ପାନୁରାଗର ଅତି ଆଶ୍ଚର୍ଯ୍ୟ ଭାବ ଉଦ୍‌ଗ୍ରୀବ ଉନ୍ମାଦନା ଉସରିତ ବାସ୍ନା ସୁରଭି ବନ୍ଦିତ ! ସେ ଅନନ୍ୟା, ଆର୍ଯ୍ୟବର୍ତ୍ତ ଭାରତ ବର୍ଷର ବାଣୀ ବିଭୂଷିତା, ଚାରୁ ଚିନ୍ମୟ କାର୍ବ୍ୟିକ ସ୍ୱାକ୍ଷରେ ଅଭୀଷିକ୍ତା, ଅକଳ୍ପନୀୟ ଛବିରେ ବିମ୍ବିତା । ଆଃ ବିସ୍ମୟ ସ୍ରଷ୍ଟା ସୃଷ୍ଟିର ଲଳିତ ସଂଯୋଗ ବେଦ ! ନାଁ ଭିତରେ ଗାଁ'ର ମଧୁ ମାଧୁର୍ଯ୍ୟପ୍ରୀତି ଅଭିସାର ! ବାସ୍ତବିକ ତାହା ପ୍ରକଟିତ। ମେଘ ବାଦଲ କୋଳେ ଚମକ ଚକିତ ଛୁଆଁ ବିଜୁଳି ପ୍ରଭାର କିମାଶ୍ଚର୍ଯ୍ୟ ଅଭୂତ ଦୁନିଆଁ ! !

**"The writer is the engineer of the human soul."Josheph stalin**

ସୃଜନଶୀଳ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟିକଳା ମାନବାତ୍ମା ଅନ୍ତରୀଣ ଅନୁଶୀଳନ, ସଂମ୍ବେଦନୀୟ ପ୍ରକ୍ରିୟା କରଣରେ ସଂଶୋଧନ କଳାତ୍ମକ କୌଶଳ ହିଁ ବ୍ୟକ୍ତି ପ୍ରତିଭା ମୂଲ୍ୟବୋଧକୁ ଅଙ୍ଗୀକାର କରେ।ଜଶେଫ ଷ୍ଟାଲିନଙ୍କ ବୌଦ୍ଧିକ ଚିନ୍ତା, ଚେତନାର ଅଭୂତପୂର୍ବ ନିର୍ଯ୍ୟାସ। କବିର ଅନ୍ତଦର୍ଶନ, ଦିବ୍ୟାନୁଭୂ ଅନୁରକ୍ତିରେ ଉଜ୍ଜ୍ୱଳ, ସ୍ରୋତସ୍ୱିନୀ ନଦୀପରି ଆବେଗ ଛଳ ଛଳ ଅନନ୍ୟ କବି ପ୍ରତିଭା, ବିଦ୍ୟୁତପ୍ରଭା ଦେବୀଙ୍କ ପୁଣ୍ୟ ଜନ୍ମ ଶତବାର୍ଷିକୀ ଜୟନ୍ତୀ ଏ ଆଲେଖ୍ୟ ଟି ନିବେଦିତ।

ଏ ତିଥି,ଏ ଲଗ୍ନ,ଶ୍ରାବଣ ବର୍ଷଣ ବହ, ମନମଙ୍ଗୁଳା ମାଧୁର୍ଯ୍ୟ ମନ୍ମୟ ବାଂମୟ ପରିବେଶ , ଆତ୍ମାକୁ ଆତ୍ମୀୟତା ସହ ସଂଯୋଜିତ କରି ମାଟି, ମମତା, ମର୍ମ୍ମୀଳ କୋହ, ମୋହ ମୂର୍ଚ୍ଛନାରେ ଅନାବିଳ ପ୍ରୀତି, ପ୍ରତ୍ୟୟ ଅନୁରାଗରେ ସ୍ମୃତି ରୋମନ୍ଥନ ମହିମ୍ନମୟ ଲଗ୍ନକୁ ମହାପାର୍ବଣମୟ ଉଲ୍ଲାସ, ଉଚ୍ଛ୍ୱାସ ବିଥି ବିଭୋର୍ ତା ଆଣିଦେଇଛି ଅଫୁରନ୍ତ ଆନନ୍ଦର ଭିନ୍ନଅନୁଭୂତି । ଏ ମାଟି, ଏମିତି ଏକ ପୁଣ୍ୟ, ପବିତ୍ରତାରେ ମହ ମହ, ଏମିତି ଗୌରବୋଜ୍ଜ୍ୱଳ ମହିମାରେ ମହିମାମଣ୍ଡିତ, ଯା'ର ପ୍ରତି ରେଣୁକାରେ ଅନୁରଣୀତ ଜୀବନର ବେଦ, ସ୍ୱପ୍ନା ଛନ୍ନ ଆଶା, ଆକାଂକ୍ଷାପୂର୍ଣ୍ଣ ମଣିଷର ପ୍ରତି ସମର୍ପିତ ଅନନ୍ୟ ସଂବେଗବାହୀ ଅନୁରକ୍ତି ରାଗ। ପ୍ରଣାମ ! ଶତକୋଟି ପ୍ରଣାମ ! ଏମାଟିର ମର୍ମ୍ମଜ୍ଜ୍ୱଳ ମାୟା ମୋହାଙ୍କ ଛବିଳ ଆତ୍ମାର ଆକୃତିଅନାହାତ ପ୍ରୀତିର ବ୍ୟୁତ୍ପତ୍ତିକୁ । **"personality is to the man, what perfume is to the flower'** ଏ ଆପ୍ତବାଣୀ ମଣିଷ ଓ ତା'ର କୃତିକର୍ମ ମୂଲ୍ୟବୋଧ ଅଙ୍ଗୀକାରରେ ମହିମାମଣ୍ଡିତ କରି ତୋଳିବାର ଅମୂଲ୍ୟ ମହତ ଉପଦେଶ, ଯାହା ସ୍ୱୀସ୍ୱୀକୃତ। ବ୍ୟକ୍ତି ହିଁ ବିଶ୍ୱ। ଏ ଅନସ୍ୱୀକାର୍ଯ୍ୟ ବ୍ୟକ୍ତିତ୍ୱପୂର୍ଣ୍ଣ ଜୀବନ ପରିଭାଷିକ ଅର୍ଥବହକୁ ପୁନଃ ପୌନିକତାରେ ପରିଭାଷିତ ହୋଇଛି ଏ ପୃଥିବୀରେ। ଶାସ୍ତ୍ର ମତେ- 'ନରତ୍ୱଂ ଦୁର୍ଲ୍ଲଭଂ ଲୋକେ ବିଦ୍ୟାତତ୍ର ସୁଦୁର୍ଲ୍ଲଭା ।

କବିତ୍ୱଂ ଦୁର୍ଲ୍ଲଭଂ ତତ୍ର ଶକ୍ତି ସ୍ତତ୍ର ସୁଦୁର୍ଲ୍ଲଭା ।।'

ଆଃ କି ଶବ୍ଦବୋଧୟନୀ ଅନ୍ତଃଦର୍ଶନ ମୁଦ୍ରାରେ ମୁଦ୍ରିତ ! ଚକିତ ଚମକ ପ୍ରଭାରେ ପ୍ରଭାନ୍ବିତ କବିର ମାନ ମୂଲ୍ୟବୋଧ ? ବିସ୍ମୟ ମଧ୍ୟରେ ଅତି ବିସ୍ମୟତାର କମନୀୟ, ମହନୀୟ କୋମଳ କୁସୁମ କୋରକ ପ୍ରାଣ ବାସ୍ନାର ବୈଦୂର୍ଯ୍ୟ ! କି ପ୍ରାଣବନ୍ତ ଆତ୍ମାର ଔଦାର୍ଯ୍ୟ ! ପୁଲକରେ ପଲ୍ଲବିତ ଶବ୍ଦ ବ୍ରହ୍ମ ଧ୍ୱନୀର ନିନାଦ ପ୍ରସରିଯାଏ ଭୂମିରୁ ଭୂମା.. ଦିଗନ୍ତରୁ ଦିଗନ୍ତ ସୃଷ୍ଟି ସୁର ସୁଲଳିତ ସୁରଭିରେ ଅର୍ପୁ ଝଲକ ! ଅବଦମିତ ଯା' ଦୁର୍ବାର ଅତିକ୍ରମଣୀୟ ଗତିପଥ, ନୀଳ ଲୋହିତ ଶିଖା ଜ୍ୟୋତି ଅସଂମ୍ଭାବୀୟ ପ୍ରତିରୋଧ କବିତ୍ୱ ଆତ୍ମାର ଗୌରବାନ୍ବିତ ଅଙ୍ଗରାଗେ ଚିରକାଳ ଗର୍ବରେ ବିମ୍ବିତ।

**"A poem is the very image of life expressed it's enternal truth. "Percy Bysshe shelley.**

ସତ୍ୟ ଦିବ୍ୟ, ସତ୍ୟ ଶାଶ୍ୱତ, ସତ୍ୟ ଅନାହତକବିତ୍ୱ ଭାବଭୂମି ନୈର୍ବ୍ୟକ୍ତିକ, ନାନ୍ଦନୀକ ଆତ୍ମାର ସୁରଭି। ଅରୂପ, ଅନୁକ୍ତ ସତ୍ୟାଦର୍ଶ ଅନ୍ତଃଦର୍ଶ ଆଲୋକ ପ୍ରଭାର ପ୍ରମେୟ ଦ୍ୟୁତି। କବି ଓ କବିତା ଭିତରେ କମନୀୟ, ମହନୀୟ, କୋମଳ ଭାବ ଖେଳ। ଇଚ୍ଛିବା ଇଚ୍ଛା ଧ୍ରୁପଦୀ ମହନୀୟ ମହିମାରେ ଉଜ୍ଜ୍ୱଳ ପ୍ରଣମ୍ୟା ସ୍ୱନାମଧନ୍ୟା, କବିୟତ୍ରୀ ବିଦ୍ୟୁତପ୍ରଭା ଦେବୀ । ବିଶ୍ୱ ମାନଚିତ୍ରର କେଉଁ କ୍ଷୁଦ୍ରାତିକ୍ଷୁଦ୍ର ଅନୁକୋଣରେ, ଓଡ଼ିଶାର ଅଭିଭକ୍ତ କଟକ ଜିଲ୍ଲା ଆଳି ବ୍ଲକ ଅଧିନସ୍ଥ ଏକ ଅଖ୍ୟାତ ପଲ୍ଲୀ ନାଟରା

ଗାଁ'ମାଟିରେ ଜନ୍ମିତ କାଳଜୟୀ କବିତାର ସ୍ରଷ୍ଟା । ଯେଉଁ କବିତାରେ ପ୍ରାଣ, ପ୍ରଦୀପ, ପ୍ରଫୁଲ୍ଲ ପୁଷ୍ପାନୁରାଗର ଅତି ଆଶ୍ଚର୍ଯ୍ୟ ଭାବ ଉଦ୍‌ଗ୍ରୀବ ଉନ୍ମାଦନା ଉସରିତ ବାସ୍ନା ସୁରଭି ବନ୍ଦିତ ! ସେ ଅନନ୍ୟା, ଆର୍ଯ୍ୟବର୍ତ୍ତ ଭାରତ ବର୍ଷର ବାଣୀ ବିଭୂଷିତା, ଚାରୁ ଚିନ୍ମୟ କାର୍ବ୍ୟିକ ସ୍ୱାକ୍ଷରେ ଅଭୀଷିକ୍ତା, ଅକଳ୍ପନୀୟ ଛବିରେ ବିମ୍ବିତା । ଆଃ ବିସ୍ମୟ ସ୍ରଷ୍ଟା ସୃଷ୍ଟିର ଲଳିତ ସଂଯୋଗ ବେଦ ! ନାଁ ଭିତରେ ଗାଁ'ର ମଧୁ ମାଧୁର୍ଯ୍ୟପ୍ରୀତି ଅଭିସାର ! ବାସ୍ତବିକ ତାହା ପ୍ରକଟିତ। ମେଘ ବାଦଲ କୋଳେ ଚମକ ଚକିତ ଛୁଆଁ ବିଜୁଳି ପ୍ରଭାର କିମାଶ୍ଚର୍ଯ୍ୟ ଅଭୂତ ଦୁନିଆଁ ! ! ସେ ମହାମାଗ୍ନିକ ମାହେନ୍ଦ୍ର ଲଗ୍ନ ୧୯୨୬ ମସିହା ପରାଧୀନ ଭାରତ ବର୍ଷର ଆଷାଢ଼ ଆକାଶ ମେଘମେଦୂର ବର୍ଣ୍ଣଳ ବର୍ଣ୍ଣମହୋତ୍ସବ ତିଥି ଜୁଲାଇ ୧୨ ତାରିଖରେ ଯେଉଁ କୋମଳ କନ୍ୟାଟିର ଆଦ୍ୟ ପ୍ରଣବ ଝଙ୍କାରରେ ବିଧୁନିତ ହୋଇଥିଲା ଏ ପୁଣ୍ୟ ଭୂମଣ୍ଡଳ । ପ୍ରକୃତିର ଆଭା ମଣ୍ଡଳ ଆଧାରରେ, ବୋଧହୁଏ ଏ ବିଦ୍ୟୁତ ପ୍ରଭା ନାମକରଣ ସ୍ୱୀକୃତି ପାଇବା ଥିଲା ନିୟତି ନିର୍ଦ୍ଦେଶରେ। ବହୁ ହୃଦୟରୁ ଯେଉଁ ବାଣୀ ନିସୃତ ହୁଏ, ତାହା ହିଁ ଈଶ୍ୱର ବାଣୀ । କ୍ଷୁଦ୍ର ଜୀବନ କାଳ ଅବଧି, ମାତ୍ର ନବମ ଶ୍ରେଣୀର ଶିକ୍ଷା ସମ୍ପଦ ମୁଦ୍ରା ପାଥେୟତା ଭିତ୍ତିଭୂମି ତାଙ୍କ ଅବିସ୍ମରଣୀୟ କାବ୍ୟ ପ୍ରତିଭା ବିଜୁଳୀ ଭଳି ଚମକି ଉଠିଥିଲା, ଅଭୂତ ଆଶ୍ଚର୍ଯ୍ୟ ପ୍ରାଣ ପ୍ରାଚୁର୍ଯ୍ୟ କାନ୍ତିରେ। କି ଗଭୀର ଆତ୍ମମଗ୍ନପଣ ! କି ଏକନିଷ୍ଠ ଦୃଢ଼ ସାଧନା ପ୍ରାଣର ଅତିଦର୍ଶନ ବୈଦୂର୍ଯ୍ୟ ବିଭବ ? ଭାବିଲେ ଆଶ୍ଚର୍ଯ୍ୟ ଅନୁରଣନ ପ୍ରତିସ୍ପର୍ଦ୍ଧିତ ଅଙ୍ଗରାଗକୁ ଅଙ୍ଗୀକାର କରେ। ସେଇ ମହାମାନ୍ୟ, ପ୍ରାତଃ ସ୍ମରଣୀୟା ଜୀବନ ପ୍ରଦୀପ ଅବଲୀଳାୟିତ ଜ୍ୟୋତି ୧୯୭୭ମସିହା, ଜାନୁୟାରୀ ୨୮ ତାରିଖ ଆକସ୍ମିକ ଦୁର୍ଘଟଣାରେ ନିର୍ବାପିତ ଦୁଃଖଦ ସମ୍ବାଦ ସମସ୍ତ ବାଂମୟ ବାଣୀ ଜଗତ ପ୍ରାଣକୁ ଅଥୟ, ଅସ୍ଥିର କରିବାକୁ ବାଧ୍ୟ କରିଥିଲା। ସ୍ମୃତି ଅନନ୍ତ ରୋମାଞ୍ଚରେ ଚିରକାଳ ପୁଲକ ବାସ୍ନାରେ ଉଦ୍ଭାସିତ । ସେଇ ପ୍ରୀତି ପ୍ରଦ୍ୟୁମ୍ନ 'ବିଦ୍ୟୁତପ୍ରଭା ପ୍ରାଜ୍ଞ, ବୌଦ୍ଧିକ ବିଚାରଶୀଳତାରେ ପ୍ରଣମ୍ୟା। ସାହିତ୍ୟ ପରିମଣ୍ଡଳରେ କବିତା ଏକ ସୂକ୍ଷ୍ମକଳା। ସେଇ କଳା ପାଟବର ବନ୍ଧ୍ୟ ବିନ୍ଧାଣୀ ବିଦ୍ୟୁତପ୍ରଭା ଦେବୀ। ତାଙ୍କ ସ୍ୱଳ୍ପ ଜୀବନ କାଳ ଅବଧି। ସେଇ କ୍ଷଣପ୍ରଭା ଜୀବନରେ ଅଲୌକିକ ସାଧନା କଳ୍ପ ସୃଷ୍ଟି ସଂମ୍ଭାର ଅନନ୍ତ ବିସ୍ତୃତ । ଏଠାରେ ତାଙ୍କ ସୃଷ୍ଟିର କିୟତ୍ ସିଂହାବଲୋକନ କବିତା ଅଭିପ୍ରାୟ ମାତ୍ର। କବିତା ପାଇଁକବିର ଯଶ, ଖ୍ୟାତି ଅନ୍ତରାଳରେ କେତେ ଅନିନ୍ଦ୍ର ରଜନୀ, କେତେ ପୀଡା ଗର୍ଭ ଯନ୍ତ୍ରଣା ପୀଡ଼ାରେ ପୀଡିତ କବି ଆତ୍ମା। ଜଗତ ସୁଖ ଉଣ୍ଡିବାକୁ ଯାଇ ଡ଼ହ ଡ଼ହ ନିଆଁ ପିଣ୍ଡକୁ ଗର୍ଭସ୍ଥକରିବାର ଦୁର୍ବାର ପ୍ରୟାସ। ଏକାନ୍ତ ଆଗ୍ରହ, ନିଷ୍ଠା, ଶୁଦ୍ଧପୂତ ବୌଚାରିକ ନିସ୍ୱାର୍ଥ ଭାବନା, ସମ୍ମୋହନ ଭାବଶବ୍ଦର ଔଦାର୍ଯ୍ୟ ସୁପ୍ତତାକୁ ଜାଗ୍ରତ କରିବା ଭୀଷ୍ମପ୍ରତିଜ୍ଞା ପ୍ରଚଣ୍ଡ ସଂକଳ୍ପରେ ସ୍ଥିର,ଅବିଚଳ। ସ୍ୱତଃ ପ୍ରଶ୍ନବାଚୀଟିଏ ମନ, ପ୍ରାଣକୁ ଆନ୍ଦୋଳିତ କରୁଥାଏ ପୁନଃପୌନିକ ରୀତିରେ। କବି କିଏ କି ? ସେ କ'ଣ ଭିନ୍ନ ଜଗତର ଲୋକ ? ଏହା ଏବେ ବି ଦ୍ୱନ୍ଦାତ୍ମକ ରହସ୍ୟ ବୃତ୍ତରେ ଅନାବିଷ୍କୃତ ଆଶ୍ଚର୍ଯ୍ୟ ବିମ୍ବିତ ଝଲକ। ବିଶ୍ୱ ବିଖ୍ୟାତ ଇଂରାଜୀ କବି ଉଇଲିୟମ ଓ୍ୱାର୍ଡସ୍ ଓ୍ୱାର୍ଥ ମତରେ, **"poetry is spontaneous overflow of powerful feelings.it takes it's origin from emotion recollected in tranquility.** 'ସ୍ୱତଃ ପ୍ରବାହରେ କବିତା ଉନ୍ମାଦିନୀ ହେଲେ ,କବି ହୁଏ ଅନ୍ତଃସତ୍ତ୍ୱା। କି ହୃନ୍ମୟ ଆନନ୍ଦର ବିଶ୍ୱ ସତରେ ! ଯା'କବିର ଏକାନ୍ତ ନିଜସ୍ୱ। ସମାଜର ଜନ ମାନସରେ ଯେଉଁ ଶବ୍ଦ ସମୂହ ଅଲୋଡା, ଅଗ୍ରାହ୍ୟ, ଅବାଂଛିତ ଓ ପରିତ୍ୟକ୍ତ ହୋଇପଡେ। କବିଟିଏ କିନ୍ତୁ, ପରମ ଆହ୍ଲାଦଚିତ୍ତରେ, ବ୍ୟଗ୍ର ବ୍ୟାକୁଳ ହୃଦୟରେ, ସ୍ନେହ ଛଳ ଛଳ ପ୍ରେମିଳ ଚିତ୍ତରେ .. ସେ ସବୁକୁ ସାଉଁଟିନିଏ ଅନନ୍ତ ଉତ୍କଣ୍ଠା ଓ ବହଳ ବିଶ୍ୱାସ ଶ୍ରଦ୍ଧାଶୀଳ ଆବେଗ ମନରେ। ସେ ସବୁକୁ ଭାବ କଳ୍ପ କଳା ପାଟବର ରଙ୍ଗରେ ରଙ୍ଗେଇ ସୁମହତ, ସମ୍ମୋହନ କବିତାର ମୂର୍ତ୍ତି ଗଢ଼ି ସମର୍ପି ଦିଏ ସବୁରି ଆଗରେ ।

ସେ ସ୍ୱୟଂସିଦ୍ଧା । ସ୍ୱତଃ ପ୍ରବାହରେ ଆସ୍ତୀର୍ଣ୍ଣା । କବି ବିଦ୍ୟୁତପ୍ରଭା ଦେବୀଙ୍କ 'ନବ ପ୍ରକାଶ'

କବିତା କୀୟଦଂଶ ଉଦ୍ଧୃତି ଯୋଗ୍ୟ-

'ପାହି ପାହି ଆସେ ସୃଷ୍ଟିର ଅମାରାତି
ଉଠ ଦେଶବାସୀ, ଜାଗ ଏବେ
ମୋର ଜାତି।
ପ୍ରକୃତି ମୁଖେ ନବୀନ ଉଷାର ଗାନ,
ଶୁଣ ହେ ମାନବ ଦେଶ, ମହାଦେଶ
ଅନ୍ତରେ ପାତି କାନ।
ଘୋର ଅଜ୍ଞାନ, ଘନ
ଅନ୍ଧକାର ଭେଦି
ଉଜ୍ଜ୍ୱଳି ଉଠେ ଉଷାର
ପୁଣ୍ୟ ବେଦୀ।
ହୁଏ ତହିଁ ସତ୍ୟର ଅଭିଷେକ,
ସତ୍ୟ ପୂଜନ, ସତ୍ୟ ସାଧକ
ନୟନ ନୟନେ ଦେଖ।
ନବ ଆହ୍ୱାନେ ବିପ୍ଳବୀ
ଯେତେ ଆସ
ଆସ ଦୁର୍ଜୟ ଅଜ୍ଞାନ ଯା'ର ଦାସ
ପ୍ରକୃତିର ଏ ବିପୁଳ ଯଜ୍ଞେ -
ବୀରସମ ଦିଅ ଝାସ ।'

ନାରୀ ମନରେ ଏତେ ପ୍ରଗତିଧର୍ମୀ ଚେତନା, ଜାତି ପାଇଁ ଆବେଦନ ଥର ଥର ବିପ୍ଳବ ଝଙ୍କାର କ୍ୱଚିତ କବିୟତ୍ରୀ କାବ୍ୟ କୃତିରେ ପରିଲକ୍ଷିତ।ତାଙ୍କ ଅମୂଲ୍ୟ ଗ୍ରନ୍ଥ ମାନଙ୍କ ମଧ୍ୟରେ 'ସବିତା', 'କନକାଞ୍ଜଳି', 'ବିହାସୟୀ', 'ବନ୍ଦନିକା', 'ସ୍ୱପ୍ନଦୀପ ଓ ତାଙ୍କର ବହୁ କବିତାକୁ ନେଇ 'ସଞ୍ଚୟନ' ପ୍ରଣୀଧାନ ଯୋଗ୍ୟ । ସେ ଅସାମାନ୍ୟ। ଅକଳ୍ପନୀୟ କାବ୍ୟ ପ୍ରତିଭାର ଅୟୁଷ୍ମାନ। ତାଙ୍କ ଅବର୍ତ୍ତମାନ ମଧ୍ୟରେ ତାଙ୍କ ଦିବ୍ୟ ଦର୍ଶନ ମୁଦ୍ରାକୁ, ଅକ୍ଷରସମ୍ଭର୍ଦ୍ଧା। କୃତି କୀର୍ତ୍ତି ସମୂହକୁ ଅନୁଭବର ସାନ୍ଦ୍ର ବଳୟରେ, ଉପଲବ୍ଧି କରିପାରୁଛୁ। ଏବେ ବି ତାଙ୍କ ସ୍ୱରଲିପି ଗୁଞ୍ଜରୀ ଉଠେ, ପତ୍ରକୁଞ୍ଜେ, ପୁଷ୍ପ ପୁଞ୍ଜେ। ଦଳିତ, ପେଷିତ, ନିଷ୍ପେସିତ ହୃଦୟର ଅନୁକ୍ତ ବ୍ୟଥା, ବେଦନା ସ୍ୱରର ଶାଣିତ ଝଙ୍କାର ଗିରି, ଗୁହା, ପାଷାଣ ନିନାଦିତ ହୁଏ ଅଜସ୍ର ଧ୍ୱନିରେ । କବି ଅକ୍ଷୟ, ଅମର । ତାଙ୍କ ପୁଣ୍ୟ ତିଥିରେ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

+ଶ୍ରୀହରି ଆଳୟ, ବାଂମୟ ନିଳୟ, ସାହିତ୍ୟ ଚିରକାଳ।
ସା-ବୋଇତାଳୁ ପାଟଣା।
ପୋଷ୍ଟ-ମୋହନପୁର,
ଭାୟା- ବିଞ୍ଝାରପୁର-୭୫୫୦୦୪
ଜିଲ୍ଲା-ଯାଜପୁର
ମୋ: ୭୩୮୪୨୫୧୧୪୬

# ନେଲସନ୍ ମଣ୍ଡେଲା



## ଡ଼ଃ.ଅରୁନ୍ଧତୀ ଦେବୀ



ନେଲସନ୍ ମେଣ୍ଡଲା ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣଶ୍ୱେତାଙ୍ଗ ବା କୃଷ୍ଣକାୟ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ହେବା ପୂର୍ବରୁ ସେ ଦକ୍ଷିଣ ଆଫ୍ରିକାରେ ଚାଲି ଆସିଥିବା ବର୍ଣ୍ଣବୈଷମ୍ୟବାଦ ବିରୋଧରେ ଦୀର୍ଘ ଦିନ ଧରି ସଂଗ୍ରାମ କରିଥିଲେ। ମଣ୍ଡେଲା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ଥିଲେ। ଆଫ୍ରିକା ନ୍ୟାସନାଲ କଂଗ୍ରେସ ଓ ଏହାର ସଶସ୍ତ୍ର ବାହିନୀ ଉମଖେତୋ ବେ ସିଜୱେର ଅଧକ୍ଷ ଥିଲେ। ବର୍ଣ୍ଣବୈଷମ୍ୟବାଦ ବିରୋଧରେ ସଂଗ୍ରାମ ଯୋଗୁଁ ତାଙ୍କୁ ୨୭ ବର୍ଷ ରୋବେନ୍ ଦ୍ୱୀପ କରାଗାରରେ କଟାଇବାକୁ ପଡ଼ିଥିଲା। ସେଠାରେ ତାଙ୍କୁ କୋଇଲା ଖଣିରେ ବି କାମ କରିବାକୁ ପଡ଼ିଥିଲା। ୧୯୯୦ରେ ଶ୍ୱେତାଙ୍ଗ ସରକାର ସହିତ ବୁଝାମଣା ପରେ ସେ ଆଧୁନିକ ଦକ୍ଷିଣ ଆଫ୍ରିକା ନିର୍ମାଣ କରିଥିଲେ। ତାଙ୍କର ଏହି ସଂଘର୍ଷ ଯୋଗୁଁ ସାରା ବିଶ୍ୱରେ ସେ ବର୍ଣ୍ଣ ବୈଷମ୍ୟବାଦ ବିରୋଧ ସଂଗ୍ରାମର ପ୍ରତୀକ ପାଲଟି ଯାଇଥିଲେ। ଜାତିସଂଘ ତାଙ୍କ ଜନ୍ମ ଦିବସକୁ ନେଲସନ ମଣ୍ଡେଲା ଆନ୍ତର୍ଜାତିକ ଦିବସ ଭାବେ ପାଳିବାକୁ ନିଷ୍ପତ୍ତି ନେଇଛି। ମଣ୍ଡେଲା ୧୮ ଜୁଲାଇ ୧୯୧୮ରେ ଦକ୍ଷିଣ ଆଫ୍ରିକାର ଇଷ୍ଟର୍ଣ୍ଣ କେପ୍ ଅନ୍ତର୍ଗତ ମୁଏଜୋରେ ଜନ୍ମ ଗ୍ରହଣ କରିଥିଲେ। ମଣ୍ଡେଲା ତାଙ୍କ ଜାତିର ନାମାନୁଯାୟୀ ମାଡ଼ିବା ନାମରେ ପରିଚିତ ଥିଲେ। ନୋବେଲ ଶାନ୍ତି ପୁରସ୍କାର, ଲେନିନ୍ ଶାନ୍ତି ପୁରସ୍କାରକୁ ମିଶାଇ ସେ ୨୫୦ରୁ ଅଧିକ ପୁରସ୍କାର ଓ ସମ୍ମାନ ପାଇଥିଲେ। ୫ ଡିସେମ୍ବର ୨୦୧୩ରେ ୯୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ଗାଣତନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ରାଷ୍ଟ୍ରପତି ମଣ୍ଡେଲା ଦୀର୍ଘ ୬୭ ବର୍ଷ କାଳ ମାନବ ଅଧିକାର ଏବଂ ସାମାଜିକ ନ୍ୟାୟ ପାଇଁ ଲଢ଼ି ଦକ୍ଷିଣ ଆଫ୍ରିକାକୁ ସ୍ୱାଧୀନତା ଦେଇଥିବା ପ୍ରଥମ ରାଷ୍ଟ୍ରପତି । ତେଣୁ ତାଙ୍କ ଜନ୍ମ ଦିବସଟିକୁ ସମସ୍ତେ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଜାତିସଂଘ ଦ୍ୱାରା ଗଠନ ହୋଇଥିବା ମଣ୍ଡେଲା ଫାଉଣ୍ଡେସନର କର୍ମକର୍ତ୍ତାମାନେ ସମଗ୍ର ବିଶ୍ୱବାସୀଙ୍କୁ ନିବେଦନ କରିଛନ୍ତି ଯେ ଆଜି ନିଜ ସମୟର ୬୭ ମିନିଟ୍ ଅନ୍ୟକୁ ସାହାଯ୍ୟ କରିବାରେ ଉତ୍ସର୍ଗ କରନ୍ତୁ ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

## ତୁମ ପ୍ରତୀକ୍ଷାରେ

### କ୍ଷୀରୋଦ୍ର କୁମାର ସାହୁ



କାଳେ ନୀରବତା ଭଙ୍ଗ
ହେବ ବୋଲି
କୋଳାହଳକୁ ପ୍ରଶମିତ କଲି ।

ନିଦକୁ ଦୁରେଇ ଦେବାକୁ
ଆଖି ପତାରେ ଅଠା ଦେଇ
ଆଡେଇ ରଖିଲି ।

ମନଟାକୁ ହାଲକେଇ ଦେବା ଲାଗି
ଆଲତାଫ ରାଜାର ଗଜଲ ଶୁଣିଲି ।

ତଥାପି ତୁମେ ଆସିଲନି
ବାରମ୍ବାର ତୁମ ପ୍ରତୀକ୍ଷା ରେ
ଦରଜା ଖୋଲି ଦେଖୁଥିଲି
ତୁମ ଆସିବାର ବାଟ ସବୁକୁ ।

ଦିନରାତି ପନ୍ଦର ପ୍ରହରର
ପରିସମାପ୍ତି ରେ
ଷୋହଳ ପ୍ରହରର ଆଦ୍ୟ
ପୃଷ୍ଠଭୂମିରେ ତୁମେ ଆସିଲ ।

ତୁମେ ଆସିଲ
ଦଲକାଏ ପବନ ହୋଇ
ରାତିର ଦୁଃସ୍ୱପ୍ନ ପରି
ହଠାତ ଛୁଇଁ ଦେଇ ଚାଲିଗଲା ।

ତୁମେ ଚାଲିଗଲା ପରେ
ପଡି ରହିଲା ଯାହା
ରକ୍ତମାଂସ ର ପିଣ୍ଡୁଳା ଟେ
ପ୍ରାଣ ହୀନ ହୋଇ ।

+ବରପିଟା, ପାଟଣାଗଡ଼
ବଲାଙ୍ଗୀର
ମୋ-୯୮୬୧୮୫୨୫୮୭

## ଗ୍ରାମ ପଥ

### ଧ୍ରୁବ ଚରଣ ବେହେରା



ଅତୀତ ଗାଉଛି ସୁନାର କାହାଣୀ
ଗ୍ରାମ୍ୟ ଜୀବନକୁ ଝୁରି
କେତେ ସ୍ମୃତି କେତେ କଥା ଲେଖା
କୋଳେ
ମନୁ କି ହୁଏ ପାଶୋରି ।।

ଏହି ଗ୍ରାମ ପଥ ଅଟେ ଭାବଧାରା
ସୁଖ ଦୁଃଖ ପ୍ରୀତି ଗାଥା
ଭାବିଲେ ଲାଗଇ ହୀରା ମୋତି ପରି
ଜୀବନ୍ତ ରେଖାର ବ୍ୟଥା ।।

ଅନେକ କାଳର ମୂକସାକ୍ଷୀ ଏହା
ଏନ୍ତୁଡ଼ିର ଇତିହାସ
ବାହାବେଦୀ ଦୀପ ସଂସାର ବନ୍ଧନ
ଶେଷର ମୁକ୍ତି ଜୀବାତ୍ମ ।।

ପିଲା ଦିନ ଖେଳ ଗଛ ଆମ୍ବ ଡାଳ
ବାଗୁଡି କବାଡି କେତେ
କଙ୍କି ଧରା ମଜା ସାଇକେଲ ଚଲା
ହଜିଛି ଏ ମୋ ଗ୍ରାମ ପଥେ ।।

ମାଆର ରାନ୍ଧଣା ଜେଜୀମା କାହାଣୀ
ରଜ ଦୋଳି ମହୋତ୍ସବ
କ୍ଷୀରି ପିଠାପଣା ଧୂଳିର ଠିକଣା
ପୁବେଇ ପବନ ହସ ।।

ଶାନ୍ତ ସବୁଜିମା କୋଳେ ତା'
ପାଳିଛି
ତା' ପାଣି ପବନ ଝରେ
ବିଦେଶକୁ ଗଲେ ଭେଣ୍ଡିଆ ଯୁବକ
ମୋ ଗ୍ରାମ ପଥକୁ ଝୁରେ ।।

ଧାଡି ଧାଡି କେତେ ମାଟିର କାହାଣୀ
ଗାଆଇ ନଡିଆ ଗଛ
ତାଳ ଆମ ତୋଟା ଗାଆଁ ନଈ ପଠା
ସବୁଜ ସେ ପୁଣି ସ୍ୱଚ୍ଛ ।।

କୁଳ ଭୁଆଷୁଣୀ ଯୌବନର ରାଣୀ
ଧୀର ଧୀର ଶାନ୍ତ ଚାଲି
ତେଜି ଶଯ୍ୟାବାସ ପ୍ରଭାତେ ଗମନ
ସରୋବରେ ଠେଲା ଠେଲି ।।

ଗାଇଆଳ ଟୋକା ଗୋଠ ନେଇ ଯାଏ
ଏହି ପଥ ଦେଇ ଦୂରେ
ବଂଶୀ ସ୍ୱନ୍ନ ତା'ର କର୍ଣ୍ଣେ ଭରେ ମଧୁ
ଜନ ମନ ନିତି ହରେ ।।

ସଜବାଜ ହୋଇ ହରିଆ ନନାର
ଭାଉଜ କଳସୀ ଧରି
ନୀର ଆଣିବାକୁ ଯାଏ ତଣ୍ଡା କୂଳେ
ନିତ୍ୟ କର୍ମକୁ ଆଦରୀ ।।

ଏପଥର ଶୋଭା ଆଜି ବି ଜୀବନ୍ତ
ଅମର କାହାଣୀ ଟିଏ
ଆସିବା ବେଳର ବନ୍ଧୁ ଏହି ପଥ
ଫେରିବା କବିତା ଗାଏ ।।

ହସ ଖୁସିର ସେ ଅଭୁଲା ସପନ
ପୂର୍ଣ୍ଣ ବର୍ଣ୍ଣାଳୀର ଚିହ୍ନ
ଯେତେ ଲେଖିଲେ ବି ଅଭାବ
ତା' ପାଇଁ
କବିତାର ଶବ୍ଦ ମାନ ।।

ବିଦେଶରୁ ଫେରି ତା' ମାଟିର ରେଣୁ
ମଥାରେ ଲାଗିଲେ ଧନ୍ୟ
ମୋ ଗ୍ରାମର ପଥ ସଦା ପୂଜନୀୟ
କରେ ମୁଁ ତାକୁ ବନ୍ଦନ ।।

କଥା କାହାଣୀର ପେଡି ପରି ଲାଗେ
କେବେ ସେ ଯାଇନି ହାରି
ଦେଖିଛି ଅନେକ ଭୋକିଲା ଓଠର
ଲୁହ ଝରା ଦୁଃଖ, ଶିରୀ ।।

ଜହ୍ନ ଆଲୁଅରେ ଦେଖାଇଛି ବାଟ
ଦୂର ଦିଗନ୍ତକୁ ଚାହିଁ
ମୋ ଗ୍ରାମର ପଥ ବାଲ୍ୟ ବନ୍ଧୁ ସିଏ
ଭୁଲିବି କେମିତି ମୁହିଁ ।।

ସହିଛି ବୈଶାଖ ଗ୍ରୀଷ୍ମର ପ୍ରକୋପ
ଆଷାଢର ପ୍ରେମ ବାରି
ମାଘର ଦେଖିଛି ଜାଡ ଶୀତ ପୁଣି
ବଉଳ ବସନ୍ତ ଝରି ।।

ଫଗୁଣ କୋଳର ରଙ୍ଗ ନାଇ କେବେ
କରିଥାଏ ମତୁଆଲା
ଶ୍ରାବଣ ଧାରାରେ ଗାଆଦାଣ୍ଡ ପଥେ
କାଗଜ ଡଙ୍ଗାର ମେଳା ।।

ଗ୍ରାମ୍ୟ ପଥ ଲାଗେ ସପନର ସ୍ମୃତି
ସମୟର ସୁଖ ଶିରୀ
ଆସିବା ବେଳର ଅଭୁଲା କାହାଣୀ
ଫେରିବାର ଦୁଃଖ ଗିରି ।।

+ ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

# ନିର୍ଦ୍ଦେଶକ ମୋତେ ବିକ୍ରି କରି ଦେଇଥିଲେ: କାଷ୍ଟିଂ କାଉଚ୍ ନେଇ ଖୁସି ମୁଖାର୍ଜୀଙ୍କ ବଡ଼ ଖୁଲାସା



ଟିଭିରୁ ବଲିଉଡ୍ ପର୍ଯ୍ୟନ୍ତ ନିଜର ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ଖୁସି ମୁଖାର୍ଜୀ ପ୍ରାୟତଃ ତାଙ୍କର ଗ୍ଲାମର ଏବଂ ବୋଲ୍ଡ ଫ୍ୟାଶନ୍ ସେନ୍ସ ପାଇଁ ଖବରରେ ରହିଥାନ୍ତି । ଖୁସି ନିକଟରେ ଏକ ସାକ୍ଷାତକାରରେ ତାଙ୍କ ଜୀବନ ସହିତ ଜଡିତ ଏକ ଘଟଣା ସେୟାର କରିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା ।

ଖୁସି ମୁଖାର୍ଜୀ ଏକ ସାକ୍ଷାତକାରରେ ଗଣମାଧ୍ୟମକୁ କହିଥିଲେ ଯେ, ସେ ମଧ୍ୟ କାଷ୍ଟିଂ କାଉଚ୍‌ର ଶିକାର ହୋଇଛନ୍ତି । ସେ କହିଥିଲେ, ଏହି ଘଟଣା ତାଙ୍କ ସହିତ ହାଇଦ୍ରାବାଦରେ ଘଟିଥିଲା । ଯେତେବେଳେ ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ତାଙ୍କୁ ଠକେଇ କରି ଜଣେ ପ୍ରଯୋଜକଙ୍କ ପାଖକୁ ପଠାଇଥିଲେ ଏବଂ ତାଙ୍କୁ ନଜଣାଇ ଏଥିପାଇଁ ପ୍ରଯୋଜକଙ୍କଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରିଥିଲେ ।

କାଷ୍ଟିଂ କାଉଚ୍ ଉପରେ ବଡ଼ ଖୁଲାସା କରି ସେ କହିଲେ, ନିର୍ଦ୍ଦେଶକ ମୋତେ କହିଥିଲେ ଯେ, ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅଛି ଏବଂ ସେ ମୋତେ ଜଣେ ପ୍ରଯୋଜକଙ୍କ ସହ ପରିଚିତ କରାଇବାକୁ ଚାହୁଁଛନ୍ତି । କିନ୍ତୁ ପରେ ମୁଁ ଜାଣିଲି ଯେ, ସେ ମୋ ସାକ୍ଷାତ ପାଇଁ ସେହି ପ୍ରଯୋଜକଙ୍କଠାରୁ ଏକ ଲକ୍ଷ ଟଙ୍କା ନେଇଛନ୍ତି । ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ପ୍ରଯୋଜକ କହିଲେ, ତୁମକୁ ମୋ ସହିତ ବେଡ୍ ସେୟାର କରିବାକୁ ପଡିବ । ମୁଁ ତୁରନ୍ତ ମନା କରିଦେଇଥିଲି । ମୁଁ କହିଥିଲି, ମୋ ପାଖରେ ଏ ବିଷୟରେ କୌଣସି ସୂଚନା ନାହିଁ । ତେବେ ପ୍ରଯୋଜକ ମୋତେ ବାଧ୍ୟ କରିବାକୁ ଚେଷ୍ଟା କରି ନଥିଲେ, କିନ୍ତୁ ସେ ମୋତେ ଫେରିଯିବାକୁ କହିଥିଲେ । ସେ ମୁମ୍ବାଇ ଫେରିବା ପାଇଁ ମୋର ଟିକେଟ୍ ମଧ୍ୟ ବୁକ୍ କରିଥିଲେ । କିନ୍ତୁ ସେହି ସମ୍ପୂର୍ଣ୍ଣ ଅଭିଜ୍ଞତା ମୋତେ ଭିତରୁ ଭାଙ୍ଗି ଦେଇଥିଲା ।

ଏହି ଖୁଲାସା ପରେ, ଖୁସି ମୁଖାର୍ଜୀଙ୍କୁ ସୋସିଆଲ ମିଡିଆରେ ବହୁତ ସମର୍ଥନ ମିଳୁଛି, ଯଦିଓ ସେ ପୂର୍ବରୁ ଅନେକ ଥର ଟ୍ରୋଲ୍‌ର ଶିକାର ହୋଇଛନ୍ତି । ନିକଟରେ, ତାଙ୍କର ଏକ ବୋଲ୍ଡ ଡ୍ରେସ୍‌କୁ ନେଇ ସୋସିଆଲ ମିଡିଆରେ ବିବାଦ ସୃଷ୍ଟି ହୋଇଥିଲା । ପାପାରାଜି ତାଙ୍କୁ ସାଇଡ୍ କଟ୍ ଡ୍ରେସ୍ ପିନ୍ଧିଥିବା ସମୟରେ କ୍ୟାମେରାରେ କଏଦ୍ କରିଥିଲା, ଯେତେବେଳେ ଡ୍ରେସ୍‌ଟି ପବନରେ ଉଡ଼ି ଯାଇଥିଲା, ଯାହା ଯୋଗୁ ତାଙ୍କୁ ଟ୍ରୋଲ୍ କରାଯାଇଥିଲା ।

ଟିଭି ଅଭିନେତ୍ରୀ ଫଲକ ନାଜ ମଧ୍ୟ ଏହି ଭିଡିଓ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଖୁସିଙ୍କୁ ଭର୍ତ୍ସନା କରିଥିଲେ । ସୂଚନାଯୋଗ୍ୟ, ଖୁସି ଏବଂ ଫଲକଙ୍କ ମଧ୍ୟରେ ବହୁତ ଦିନ ଧରି ଏକ ଶୀତଳ ଯୁଦ୍ଧ ଚାଲିଛି । ତେବେ କାଷ୍ଟିଂ କାଉଚ୍ ନେଇ ସାକ୍ଷାତକାର ମାଧ୍ୟମରେ ଖୁସିଙ୍କ ଏହି ସାହସିକ ପଦକ୍ଷେପ ତାଙ୍କ ପ୍ରଶଂସକ ଏବଂ ଫିଲ୍ମ ଇଣ୍ଡଷ୍ଟ୍ରି ମଧ୍ୟରେ ପରିବର୍ତ୍ତନର ଆଶା ସୃଷ୍ଟି କରିଛି ।

# ମୁମ୍ବାଇରେ ଥିବା ନିଜର ଆପାର୍ଟମେଣ୍ଟ ବିକ୍ରି କଲେ ସଲମାନ

ବଲିଉଡ ଅଭିନେତା ସଲମାନ ଖାନ ମୁମ୍ବାଇରେ ତାଙ୍କର ଏକ ସମ୍ପତ୍ତି ବିକ୍ରି କରିଛନ୍ତି । ସଲମାନଙ୍କ ଏହି ସମ୍ପତ୍ତି ମୁମ୍ବାଇର ବାନ୍ଦ୍ରା ୱେଷ୍ଟରେ ଥିଲା । ସଲମାନଙ୍କ ଏହି ଆପାର୍ଟମେଣ୍ଟର ବିକ୍ରୟ ଏହି ମାସରେ ପଞ୍ଜିକୃତ ହୋଇଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ ମୁମ୍ବାଇର ବାନ୍ଦ୍ରା ୱେଷ୍ଟ ସହରର ସବୁଠାରୁ ଆକର୍ଷଣୀୟ ଏବଂ ମହଙ୍ଗା ରିଅଲ ଇଷ୍ଟେଟ୍ ବଜାର ମଧ୍ୟରୁ ଗୋଟିଏ, ଯେଉଁଠାରେ ପ୍ରିମିୟମ୍ ହାଉସିଂ ଏବଂ ବାଣିଜ୍ୟିକ ସମ୍ପତ୍ତି ଉପଲବ୍ଧ । ସ୍କୋୟାରୟାର୍ଡ ଅନୁଯାୟୀ, ସଲମାନ ଖାନ ଏହି ଆପାର୍ଟମେଣ୍ଟକୁ ୫.୩୫ କୋଟି ଟଙ୍କାରେ ବିକ୍ରି କରିଛନ୍ତି । ସ୍କୋୟାରୟାର୍ଡ ଦ୍ୱାରା ଦିଆଯାଇଥିବା ସମ୍ପତ୍ତି ପଞ୍ଜିକରଣ ଡକ୍ୟୁମେଣ୍ଟରୁ ଏହି ସୂଚନା ମିଳିଛି ।

ସ୍କୋୟାର ୟାର୍ଡ ଦ୍ୱାରା ସମୀକ୍ଷା କରାଯାଇଥିବା ସମ୍ପତ୍ତି ପଞ୍ଜିକରଣ ଡକ୍ୟୁମେଣ୍ଟ ଅନୁଯାୟୀ, ସଲମାନ ଖାନଙ୍କ ଦ୍ୱାରା ବିକ୍ରି କରାଯାଇଥିବା ଆପାର୍ଟମେଣ୍ଟ ଶିବସ୍ଥାନ ହାଇଟ୍ସରେ ରହିଛି । ଏହାର କ୍ଷେତ୍ରଫଳ ପ୍ରାୟ ୧୩୧୮ ବର୍ଗ ଫୁଟ । ଏହି ଚୁକ୍ତିରେ ତିନୋଟି କାର ପାର୍କିଂ ସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ । ଏହି କାରବାରରେ ୩୨.୦୧ ଲକ୍ଷ ଟଙ୍କାର ଷ୍ଟାମ୍ପ ଫି ଏବଂ ୩୦,୦୦୦ ଟଙ୍କାର ପଞ୍ଜିକରଣ ଫି ଅନ୍ତର୍ଭୁକ୍ତ ।

ସଲମାନ ଖାନଙ୍କ ଆପାର୍ଟମେଣ୍ଟ ଥିବା ବାନ୍ଦ୍ରାର ଏହି ଅଞ୍ଚଳରେ ଅତ୍ୟାଧୁନିକ ଆପାର୍ଟମେଣ୍ଟ, ଐତିହ୍ୟ ବଙ୍ଗଳା ରହିଛି, ଯାହା ନିବେଶକଙ୍କୁ ଆକର୍ଷିତ କରେ । ଏହି ଅଞ୍ଚଳ ଏକ୍ସପ୍ରେସ ହାଇୱେ, ବାନ୍ଦ୍ରା ରେଳ ଷ୍ଟେସନ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି), ଲୋୟର ପରେଲ ଏବଂ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ



ବିମାନବନ୍ଦର ଭଳି ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ନିକଟରେ ଅବସ୍ଥିତ । ଆପଣଙ୍କୁ ଜଣାଇ ଦେଉଛୁ ଯେ ବାନ୍ଦ୍ରା ପଶ୍ଚିମ ନିକଟରେ ଅବସ୍ଥିତ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସରେ ଅନେକ ବାଣିଜ୍ୟିକ କୋଠା ଅଛି, ଯେଉଁଥିରେ ବିଶ୍ୱସ୍ତରୀୟ କାର୍ଯ୍ୟାଳୟ ଏବଂ ଷ୍ଟୋର ଅଛି । ଆପଲ୍ ଭାରତରେ ବିକେସିରେ ଏହାର ଷ୍ଟୋର ଖୋଲିଛି । କେବଳ ଏତିକି ନୁହେଁ, ଆମେରିକୀୟ ଇଲେକ୍ଟ୍ରିକ୍ କାର୍ କମ୍ପାନୀ ଟେସଲା ଜୁଲାଇ ୧୫ ରେ ବିକେସିରେ ଏହାର ପ୍ରଥମ ଭାରତୀୟ ଶୋ'ରୁମ୍ ଖୋଲିଛି ।

# ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ'ର ବଜେଟ୍ ୪୦୦ କୋଟି ଟଙ୍କା, ପ୍ରଥମ ଥର ପାଇଁ ହେବ ଏଆଇର ବ୍ୟବହାର

ବହୁ ଚର୍ଚ୍ଚିତ ଆଗାମୀ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ନିତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମଟି କେବଳ ଏହାର ବିଶାଳ ବଜେଟ୍ ପାଇଁ ନୁହେଁ, ବରଂ ପ୍ରଥମ ଥର ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏଆଇର ବ୍ୟବହାରକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଛି । ସୂଚନା ଅନୁଯାୟୀ, ଏହି ଚଳଚ୍ଚିତ୍ରଟି ଦୁଇଟି ଭାଗରେ ମୁକ୍ତିଲାଭ କରିବ । ଏହାର ମିଳିତ ବଜେଟକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ସାମ୍ନାକୁ ଆସୁଛି । କିଛି ରିପୋର୍ଟରେ ଏହାର ବଜେଟ୍ ୧୬୦୦ କୋଟି ଟଙ୍କା ବୋଲି କୁହାଯାଉଥିବା ବେଳେ, ଅନ୍ୟ କେତେକ ପ୍ରମୁଖ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଦୁଇ-ଭାଗ ବିଶିଷ୍ଟ ଚଳଚ୍ଚିତ୍ରର ବଜେଟ୍ ୪୦୦୦ କୋଟି ଟଙ୍କା (ପ୍ରାୟ ୫୦୦ ମିଲିୟନ୍ ଡଲାର) ଅତିକ୍ରମ କରିପାରେ । ଯଦି ଏହା ସତ ହୁଏ, ତେବେ ଏହା ଭାରତୀୟ ସିନେମା ଇତିହାସର ସବୁଠାରୁ ମହଙ୍ଗା ଚଳଚ୍ଚିତ୍ର ହେବ । ଏହି ଚଳଚ୍ଚିତ୍ରର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ଏଥିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର । ଭାରତୀୟ ସିନେମାରେ ପ୍ରଥମ ଥର ପାଇଁ ଆଞ୍ଚଳିକ ଭାଷାଗୁଡ଼ିକରେ ସହଜ ଡବିଂ ପାଇଁ 'ଏଆଇ ଡବିଂ' ଟେକ୍ନୋଲୋଜିର ବ୍ୟବହାର କରାଯିବ । ଏହା ବ୍ୟତୀତ, ଫିଲ୍ମରେ ବିଶ୍ୱସ୍ତରୀୟ ଭିଜୁଆଲ୍ ଇଫେକ୍ଟସ୍ ଦେଖିବାକୁ ମିଳିବ ବୋଲି ଜଣାପଡିଛି । ଏହି ପୌରାଣିକ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ରରେ ବଲିଉଡର ଜଣାଶୁଣା କଳାକାରମାନେ ଅଭିନୟ କରୁଛନ୍ତି । ରଣବୀର କପୁର ଭଗବାନ ରାମଙ୍କ ଭୂମିକାରେ ନଜର ଆସିବେ, ସାଇ ପଲ୍ଲବୀ ସୀତାଙ୍କ ଭୂମିକାରେ ଏବଂ 'କେଜିଏଫ୍' ଫେମ୍ ୟଶ୍ ରାବଣ ଭୂମିକାରେ ଅଭିନୟ କରିବେ । ଏହା ସହିତ ସନ୍ନି ଦେଓଲ୍ ହନୁମାନଙ୍କ ଭୂମିକାରେ ଅଭିନୟ କରିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ଫିଲ୍ମର ସଙ୍ଗୀତ ପାଇଁ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହାନ୍ସ ଜିମର୍ ଏବଂ ଏ.ଆର. ରେହମାନ୍ ଏକାଠି କାମ କରୁଛନ୍ତି । ଚଳଚ୍ଚିତ୍ରର ପ୍ରଥମ ଭାଗ ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ର ଦୀପାବଳିରେ ମୁକ୍ତିଲାଭ କରିବାର ସମ୍ଭାବନା ରହିଛି ।




# କନ୍ନଡ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ଏକ ବର୍ଷ ଜେଲ୍



କନ୍ନଡ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ଏକ ବଡ଼ ଝଟକା ଲାଗିଛି । ସୁନା ଚୋରା ଚାଲାଣ ମାମଲାରେ ତାଙ୍କୁ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ବୈଦେଶିକ ବିନିମୟ ସଂରକ୍ଷଣ ଏବଂ ଚୋରା ଚାଲାଣ କାର୍ଯ୍ୟକଳାପ ନିରାକରଣ ଅଧିନିୟମ ଅଧୀନରେ ପରାମର୍ଶଦାତା ବୋର୍ଡ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଏକ ବର୍ଷର କାରାଦଣ୍ଡ ସମୟରେ ରାନ୍ୟାଙ୍କୁ ଜାମିନ ମିଳିପାରିବ ନାହିଁ । ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଅଧିକାରୀମାନେ ମାର୍ଚ୍ଚ ୩ରେ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରୁ ରାନ୍ୟା ରାଓଙ୍କୁ ଗିରଫ କରିଥିଲେ । ରାନ୍ୟାଙ୍କ ନିକଟରୁ ଦୁବାଇରୁ ଅଣାଯାଇଥିବା ପ୍ରାୟ ୧୪.୮ କିଲୋଗ୍ରାମ ସୁନା ଜବତ କରାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୧୨.୫୬ କୋଟି ଟଙ୍କା ହେବ । ଏହାପରେ ରାନ୍ୟାଙ୍କ ବାସଭବନରେ ଚଢ଼ାଉ କରାଯାଇ ୨.୦୬ କୋଟି ଟଙ୍କାର ସୁନା ଅଳଙ୍କାର ଏବଂ ୨.୬୭ କୋଟି ଟଙ୍କା ନଗଦ ଜବତ କରାଯାଇଥିଲା । ଅନୁସନ୍ଧାନରୁ ଜଣାପଡିଛି ଯେ ରାନ୍ୟା ୨୦୨୩ ରୁ ୨୦୨୫ ମଧ୍ୟରେ ୩୪ ଥର ଏକାକୀ ଦୁବାଇ ଯାତ୍ରା କରିଥିଲେ । ଏହି ମାମଲାରେ ତାଙ୍କ ସହଯୋଗୀ ତରୁଣ କୋଣ୍ଡୁରୁ ରାଜୁଙ୍କୁ ମଧ୍ୟ ଗିରଫ କରାଯାଇଥିଲା ।

# ସଙ୍ଗୀତ ଓ ନାଟକ ହିଁ ମୋ ଜୀବନ: ଚିନ୍ମୟ ନାୟକ

ଶବ୍ଦ ହେଉଛି ବ୍ରହ୍ମ ଓ ବ୍ରହ୍ମ ହେଉଛି ଶବ୍ଦ । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହି ଶବ୍ଦବ୍ରହ୍ମର ସାମ୍ରାଜ୍ୟରେ ସାଧନା ଓ ତପସ୍ୟା କରି ଯିଏ ଏହି ସୁନ୍ଦର ପୃଥିବୀରେ ସମସ୍ତଙ୍କ ମୁହଁରେ ହସ ଖୁସି ଓ ଆନନ୍ଦ ଫୁଟାଇ ପାରିଛନ୍ତି ସେ ହେଉଛନ୍ତି ଆମର ପ୍ରିୟ ମଣିଷ ଚିନ୍ମୟ ନାୟକ । ଓଡ଼ିଶାର କଳା ସାହିତ୍ୟ , ନାଟକ ଓ ସଂସ୍କୃତି କ୍ଷେତ୍ରରେ ଏହି ଯୁବ ପ୍ରତିଭା ତଥା ଗୀତିକାର ଓ ନିର୍ଦ୍ଦେଶକ ଚିନ୍ମୟ ନାୟକଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମରେ ସେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତା ନିଶାକର ନାୟକ ଓ ମାତା କନକଲତା ନାୟକ । ଶ୍ରୀ ନାୟକ ବର୍ତ୍ତମାନ ଉଚ୍ଚ ଶିକ୍ଷା ପରେ ସରକାରୀ ଚାକିରୀ ପାଇଁ ପ୍ରସ୍ତୁତ ହେଉଛନ୍ତି । ବିଜ୍ଞାନର ଛାତ୍ର ହୋଇଥିଲେ ମଧ୍ୟ ସେ ସାହିତ୍ୟ ରେ ଅଧିକ ରୁଚି ରଖିଛନ୍ତି । ଶ୍ରୀ ନାୟକ ଏକାଧାରରେ ଜଣେ କବି ,ଲେଖକ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, ନାଟ୍ୟ ନିର୍ଦ୍ଦେଶକ, ସଂଳାପ ଲେଖକ ଓ ସମାଜସେବୀ ମଧ୍ୟ । ସେ ପ୍ରଥମେ ଗାଁ ଡ୍ରାମା ରୁ ନାଟ୍ୟ ନିର୍ଦ୍ଦେଶନା ଆରମ୍ଭ କରିଥିଲେ । ଶ୍ରୀ ନାୟକ ଯେଉଁ ଗୀତ ଲେଖିଛନ୍ତି ସେ ଗୀତ ମଧ୍ୟରେ ରହିଛି ରାଜ ନନ୍ଦିନୀ, ମିଛ ସିନ୍ଦୂର, ଝୁଲ୍ ରେ ଭକତ ଝୁଲ । ଯୁବ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଇରା ମହାନ୍ତି ଓ ଦିପ୍ତିରେଖା ପ୍ରମୁଖ ଶ୍ରୀ ନାୟକ ଙ୍କ ଗୀତକୁ ଗାଇଛନ୍ତି ଯାହା ଜୀବନରେ ଆଦୌ ଭୁଲି ହେବ ନାହିଁ । ଯାତ୍ରା ଜଗତର ସୁନ୍ଦର ନାଟ୍ୟ ସଂସ୍ଥା ପୃଥିରାଜ ଅପେରା ଓ ଓଁକାର ଅପେରା ରେ ଶ୍ରୀ ନାୟକ ସହ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି । ସେ ଆଲବମ୍ ଜଗତରେ ଗୀତ ଲେଖିଛନ୍ତି ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଓଡ଼ିଶାର ସାହିତ୍ୟ ଜଗତରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ବ୍ୟାସ କବି ଫକୀର ମୋହନ ସେନାପତି ଓ ପ୍ରେମିକ କବି ମାୟାଧର ମାନସିଂହ ଙ୍କ ପୁସ୍ତକ ଶ୍ରୀ ନାୟକ ଅଧିକାଂଶ ସମୟରେ ପଢ଼ିଥାନ୍ତି । ସଙ୍ଗୀତ ଜଗତରେ ଭଜନ ସମ୍ରାଟ ଭିକାରୀ ବଳ ଓ ଆଧୁନିକ ଓଡିଆ ସଙ୍ଗୀତ ଜଗତର ମଉଡମଣି ଅକ୍ଷୟ ମହାନ୍ତି ଓରଫ୍ ଖୋକା ଭାଇଙ୍କୁ ଶ୍ରୀ ନାୟକ ଆଦୌ ଭୁଲି ପାରିବେ ନାହିଁ । ସୁଦର୍ଶନପୁର ପଞ୍ଚାୟତରେ ଥିବା ଶିବ ପାର୍ବତୀ ଯୁବ ପରିଷଦ ଓ ମା ସିଦ୍ଧେଶ୍ୱରୀ ଯୁବ ପରିଷଦର ଶ୍ରୀ ନାୟକ ସଦସ୍ୟ ଭାବେ ରହିଛନ୍ତି । ନାଟକ ଜଗତରେ ଶ୍ରୀ ନାୟକଙ୍କ ଗୁରୁ ହେଉଛନ୍ତି ବିଶିଷ୍ଟ ନାଟ୍ୟକାର ଅରୁଣ ବାରିକ୍, ସତ୍ୟ ସୁନ୍ଦର ରାଉତ ଓ ସୂର୍ଯ୍ୟକାନ୍ତ ବେହେରା । ଶ୍ରୀ ନାୟକ ଙ୍କ ପ୍ରିୟ ମଣିଷ ହେଉଛନ୍ତି ଇଞ୍ଜିନିୟର ଅକ୍ଷୟ ସାମଲ । ଓଡ଼ିଆ ଚଳଚ୍ଚିତ୍ର ଦମନ ଓ ପ୍ରତୀକ୍ଷା ତାଙ୍କର ପ୍ରିୟ ଚଳଚ୍ଚିତ୍ର । ଯାତ୍ରା ଜଗତର ଲୋକପ୍ରିୟ ଅଭିନେତା ଗୌର ଦାସ ଓ ଚିତ୍ତ ପାଢୀ ଙ୍କୁ ଭଲ ପାଇବା ସହିତ ସିନେମା ଜଗତର ଲୋକପ୍ରିୟ ଅଭିନେତା ବାବୁସାନ୍ ଓ ସୂର୍ଯ୍ୟମୟୀଙ୍କୁ ଶ୍ରୀ ନାୟକ ପସନ୍ଦ କରନ୍ତି । ଶ୍ରୀ ନାୟକ ଙ୍କ ପ୍ରିୟ ସାଙ୍ଗ ହେଉଛନ୍ତି ସତ୍ୟଶିବ ଧଳ, ରଶ୍ମି ରଞ୍ଜନ ପ୍ରଧାନ, ସୌମ୍ୟ ରଞ୍ଜନ ସାମଲ ଓ ମୁକ୍ତିକାନ୍ତ ପଲାଇ । ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ମଧ୍ୟରେ ବାଟ ଚାଲିଲେ ମଧ୍ୟ ଶ୍ରୀ ନାୟକ ଥକି ପଡ଼ି ନାହାଁନ୍ତି, ସବୁବେଳେ ଉପଯୁକ୍ତ କର୍ତ୍ତବ୍ୟ କରି ଭଗବାନଙ୍କ



ଆଶୀର୍ବାଦରୁ ଆଧାତ୍ମିକ ଚିନ୍ତାଧାରା ରେ ଆଗେଇ ଚାଲିଛନ୍ତି । ଇଶ୍ୱରଙ୍କ କୃପାରୁ ଶ୍ରୀ ନାୟକଙ୍କ ସ୍ୱପ୍ନ ପୂରଣ ହେବା ସହିତ ଭବିଷ୍ୟତର ଚଲାପଥ କୁସୁମିତ ହେଉ । ଏହାହିଁ ଆମର ପ୍ରାର୍ଥନା ।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି

ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ

ବରଣ୍ଡିଆ, ବାସୁଦେବପୁର, ଭଦ୍ରକ

(ମୋ) ୯୯୩୭୯୭୬୩୫୧


# ୨୦୦ ଟଙ୍କାରୁ ଅଧିକ ବଢିବ ନାହିଁ ସିନେମା ହଲର ଟିକେଟ ମୂଲ୍ୟ

ଜନସାଧାରଣଙ୍କ ପାଇଁ ସିନେମା ଦେଖିବାକୁ ଅଧିକ ସୁଲଭ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, କର୍ଣ୍ଣାଟକ ସରକାର କର୍ଣ୍ଣାଟକ ସିନେମା (ନିୟନ୍ତ୍ରଣ) ନିୟମ, ୨୦୧୪ରେ ସଂଶୋଧନ ପ୍ରସ୍ତାବ ଦେଇଛନ୍ତି, ଯାହା ଅନୁଯାୟୀ ମନୋରଞ୍ଜନ କର ସମେତ ସିନେମା ଟିକେଟର ସର୍ବାଧିକ ମୂଲ୍ୟ ପ୍ରତି ଶୋ' ପାଇଁ ୨୦୦ ଟଙ୍କା ସ୍ଥିର କରାଯିବ । ଏହି ମୂଲ୍ୟ ସୀମା ରାଜ୍ୟର ସମସ୍ତ ଭାଷାର ସିନେମା ହଲ୍, ମଲ୍ଟିପ୍ଲେକ୍ସ ଏବଂ ଫିଲ୍ମ ପାଇଁ ପ୍ରଯୁଜ୍ୟ ହେବ । କର୍ଣ୍ଣାଟକ ସିନେମା (ନିୟନ୍ତ୍ରଣ) (ସଂଶୋଧନ) ନିୟମ, ୨୦୨୫ ଅଧୀନରେ ଗୃହ ବିଭାଗ ଦ୍ୱାରା ଜାରି ଡ୍ରାଫ୍ଟ ବିଜ୍ଞପ୍ତି ଜୁଲାଇ ୧୫ରେ ପ୍ରକାଶିତ ହୋଇଥିଲା ଏବଂ ପ୍ରକାଶନ ତାରିଖରୁ ୧୫ ଦିନ ପାଇଁ ସାଧାରଣ ମତାମତ ପାଇଁ ଖୋଲା ଅଛି । ପରାମର୍ଶ ଏବଂ ଆପତ୍ତି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ବିଧାନ ସୌଧଙ୍କ ନିକଟରେ ଦାଖଲ କରାଯାଇପାରିବ । ଟିକେଟ ମୂଲ୍ୟ ନିୟନ୍ତ୍ରଣ କରିବା ଉପରେ ଆଲୋଚନା ଅନେକ ବର୍ଷ ଧରି ଚାଲିଛି, କିନ୍ତୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ୨୦୨୫-୨୬ ବଜେଟରେ ଏହି ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ ଏବଂ ସ୍ପଷ୍ଟ ଭାବରେ ୨୦୦ ଟଙ୍କା ସୀମା ଉଲ୍ଲେଖ କରିଥିଲେ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଅତ୍ୟଧିକ ଟିକେଟ ମୂଲ୍ୟକୁ ରୋକିବା ଏବଂ ସମାଜର ସମସ୍ତ ବର୍ଗ ପାଇଁ ସିନେମା ଦେଖିବାକୁ ସୁଲଭ କରିବା ।

# ହଜିଗଲେଣି ଦେଶୀ ମାଛ : ଚାହିଦା ମେଂଟାଉଛି ଆନ୍ଧ୍ର ମାଛ

ଜୟପୁର, ୧୭/୦୭ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାରେ ଦିନ ଥିଲା ଘରମାନଙ୍କରେ ଦେଶୀ ମାଛକୁ ସମସ୍ତେ ପସନ୍ଦ କରୁଥିଲେ। ହେଲେ ଏବେ ଦେଶୀ ମାଛ ଆଉ ଦେଖିବାକୁ ମିଳୁନାହିଁ । ଆନ୍ଧ୍ର ମାଛ ଭରସାରେ ଚାଲିଛି । ଆନ୍ଧ୍ର ମାଛ ନଆସିଲେ ମାଛ ଖାଇବାକୁ ପାଇବେ ନାହିଁ ଜିଲାବାସୀ । ବିଶେଷକରି କଉ, ଗଡ଼ିଶା, ରତା, ଶେଉଳ, ମାଗୁର, କେରାଣ୍ଡି, କଂଟିଆ, ଚେଙ୍ଗ ମାଛକୁ ବିଲ, ଗଡ଼ିଆରୁ ଧରି ହାଟ ବଜାରରେ ବିକ୍ରି ହୋଇ ପାରୁଥିଲା । ବର୍ଷା ସମୟରେ ଦେଶୀ ମାଛ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଥିଲା । ବର୍ଷା ଟିକେ ହେଉ ହେଉ ଦେଶୀ ମାଛ ସବୁ ରାସ୍ତା ଉପରକୁ ଉଠି ଆସୁଥିଲେ, ହେଲେ ଏବେ ଦେଶୀ ମାଛ ବଂଶ ଲୋପ ପାଇଯିବାକୁ ବସିଲାଣି । ଗାଁ ମାନଙ୍କରେ ଯେତିକି ବି ବିଲ ରହିଛି, ସେଥିରୁ ଅଧିକ ଅମଳ ପାଇଁ ଚାଷୀମାନେ ସାର, କୀଟନାଶକ ଆଦି ବହୁଳ ବ୍ୟବହାର କରୁଛନ୍ତି । ଫଳରେ ଗଡ଼ିଆ, ପୋଖରୀ, ନଈ-ନାଳରୁ ବର୍ଷାପାଣିରେ ଉଠିଆସୁଥିବା ମାଛମାନେ ବିଲରେ ଅଧିକ ଦିନ ବଂଚୁନାହାନ୍ତି କି ବଂଶ ବିସ୍ତାର କରିପାରୁ ନାହାନ୍ତି । ପୁଣି ଚାଷଜମିର ଏହି ରାସାୟନିକ ଓ ବିଷପାଣି ବୋହିଯାଇ ଗଡ଼ିଆ, ପୋଖରୀ, ନଈ, ନାଳରେ ମିଶିବା ଫଳରେ ସେଠାରେ ମଧ ମାଛ ବଂଶ ଲୋପ ପାଇବାକୁ ବସିଲେଣି । ତେଣୁ ସଂପ୍ରତି ଗାଁଗଣ୍ଡାର ନଈ, ପୋଖରୀରେ ଦେଶୀ ମାଛ ସ୍ୱପ୍ନ ହୋଇଗଲାଣି ଯେଉଁଥିପାଇଁ ସହରର ଦୋକାନବଜାରରେ ଏବେ ଆଉ ଦେଶୀ ମାଛ ଦେଖିବାକୁ ମିଳୁନାହାନ୍ତି ଓ ସହର ଉପକଣ୍ଠରେ ବି ଏବେ ଆଉ ବିଲ ବା ଚାଷଜମି ନାହିଁ ଓ ଯେତିକି ବି ଥିଲା, ତା'ଉପରେ ବଡ଼ ବଡ଼ କୋଠାମାନ ଠିଆ ହୋଇଛି । ତେଣୁ ଏବେ ସହରୀ ଲୋକମାନେ ମୁଖ୍ୟତଃ ଆନ୍ଧ୍ର ମାଛ ଉପରେ ନିର୍ଭର କରୁଛନ୍ତି। ଓଡ଼ିଶାରେ ୧୮୦ ପ୍ରଜାତିର ମଧୁର ଜଳ ମାଛ ରହିଛନ୍ତି । ସେମାନଙ୍କ ମଧରେ ରୋହି, ଭାକୁର, ମିରିକାଳି ଅନ୍ୟତମ। ଏହା ବ୍ୟତୀତ ଚିଲିକା ହ୍ରଦରେ ୩୧୭ ପ୍ରଜାତିର ସାମୁଦ୍ରିକ ମାଛ ଦେଖାଯାଆନ୍ତି ।

# ସୁବର୍ଣ୍ଣପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ : ଯୋଗଦେଲେ ଏସପି ଓ ଡିଏଫଓ

ସୁବର୍ଣ୍ଣପୁର, ୧୭/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ବରିଷ୍ଠ ନାଗରିକ ସଂଘ ଦ୍ୱାରା ଆୟୋଜିତ ସୋନପୁର ମହାନଦୀ ବ୍ରିଜ ପାର୍ଶ୍ୱସ୍ଥିତ ରିଙ୍ଗ ରୋଡ ର ଉଭୟ ପାର୍ଶ୍ୱରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ମୁଖ୍ୟ ଅତିଥି ଓ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଆମ ପୂର୍ବ ପୁରୁଷ ମାନେ ଯେଉଁ ବୃକ୍ଷ ରୋପଣ କରିଥିଲେ ଆଜି ଆମେ ତାହାର ଫଳ ଛାୟା ଗ୍ରହଣ କରୁଛୁ, ବଂଚି ପାରିଛୁ ବୋଲି ମତ ରଖି ଗଛକୁ ମହାଦେବଙ୍କ ସହିତ ତୁଳନା କରି ସମୁଦ୍ର ମନ୍ଥନ ବେଳେ ମହାଦେବ ବିଷପାନ କରି ଏ ପୃଥିବୀକୁ ବଂଚାଇ ଥିଲେ । ଠିକ୍ ସେହିପରି ଏ ଗଛ ଗ୍ରୀନ ହାଉସ ର କାର୍ବନ ଡ଼ାଇଅକ୍ସାଇଡ ଅକ୍ସିଜେନ ଭଳି ସମସ୍ତ ପ୍ରକାର ବିଷାକ୍ତ ଗ୍ୟାସ ଗ୍ରହଣ କରିନିଏ ବୋଲି ଉଦାହରଣ ଦେଇଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ବରିଷ୍ଠ ନାଗରିକ ସଂଘର ସଭାପତି ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ, ସଂଘର ଉପଦେଷ୍ଟା ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଗୋରେଖ ନାଥ ସାହୁ, ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ମାନଙ୍କ ସହିତ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ପଂଚାୟତ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀ ଉପସ୍ଥିତ ଥିଲେ । ଡ଼ଃ. ଆର୍ତତ୍ରାଣ ବାବୁ, ଉପ ସଭାପତି ସଭାରେ ଅତିଥି ଓ ଅନ୍ୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ରିଙ୍ଗ ରୋଡ ର ଉଭୟ ପାର୍ଶ୍ୱରେ ସର୍ବମୋଟ ୫୦୦ (ପାଂଚଶହ ଗୋଟି) ବିଭିନ୍ନ ପ୍ରକାରର ଛାୟା ଓ ଫଳ ପ୍ରଦାନକାରୀ ବୃକ୍ଷ ଗୁଡ଼ିକ ରୋପଣ କରାଯିବ ବୋଲି ଏହି ଅବସରରେ ଡି.ଏଫ୍.ଓ. ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋନପୁରର ସ୍ୱଚ୍ଛ ଭାରତ ସଂଗଠନ, ଗୋପାଳଜୀ ଯୋଗାଳୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ । ଶେଷରେ ସଂଘର କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ବରିଷ୍ଠ ନାଗରିକ ସଂଘ କୋଷାଧକ୍ଷ ଦିଲ୍ଲୀପ ରଥ, କାର୍ଯ୍ୟକାରୀ ସଦସ୍ୟ ବ୍ରଜ ମୋହନ ଦାନୀ, ହରିହର ଶତପଥି, ରାଧେଶ୍ୟାମ ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ବୈକୁଣ୍ଠ ଶତପଥି, ମୃତ୍ୟୁଞ୍ଜୟ ଦାଶ, ବାସୁଦେବ ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ଦାଶ, ଲକ୍ଷ୍ମୀ ନାରାୟଣ ମହାନ୍ତି, ଆଦିକନ୍ଦ ମହାପାତ୍ର, କାହ୍ନୁ ମିଶ୍ର, ତ୍ରିପୁରାରୀ ପଣ୍ଡା, ମିନା ମହାରଣା, ଧୁବେଇ ଚରଣ ମିଶ୍ର, ପ୍ରଦୀପ ସାହୁ, ଉମେଶ ପଣ୍ଡା, ଲୋକ ନାଥ ପଣ୍ଡା, ସୁନା ଧର ହୋତା, ରଘୁ ମଣି ହୋତା, ଶ୍ରୀଧର ବାଗ, ରାଜେନ୍ଦ୍ର ସାହୁ, ଦିଲ୍ଲୀପ ଭୁକ୍ତା, ବିଜୟ ରାୟ ଗୁରୁ , ସମାଜ ସେବୀ ଗରିବ ଲୋଇ, ତରଣୀ ମେହେର, ମନୋଜ ପଣ୍ଡା, ମନୋରଂଜନ ତ୍ରୀପାଠୀ ପ୍ରମୁଖ ଏହି ମହତ୍ କାର୍ଯ୍ୟ ରେ ସାମିଲ ହୋଇଥିଲେ ।

# ହୋଲଡିଂ ଟ୍ୟାକ୍ସ ପାଇଁ ତୃଟିପୂର୍ଣ୍ଣ ମୂଲ୍ୟାୟନର ସଂଶୋଧନ ପାଇଁ ବୈଠକ ଅନୁଷ୍ଠିତ

କନ୍ଧମାଳ , ୧୭/୦୭ (ନି.ପ୍ର): ଫୁଲବାଣୀ ପୌର ପରିଷଦର ହୋଲଡିଂ ଟ୍ୟାକ୍ସ ପାଇଁ ତୃଟିପୂର୍ଣ୍ଣ ମୂଲ୍ୟାୟନକୁ ସଂଶୋଧନ କରିବାକୁ ଫୁଲବାଣୀ ବିଧାୟକ ଉମା ଚରଣ ମଲିକଙ୍କ ଅଧ୍ୟକ୍ଷତାରେ ଫୁଲବାଣୀ ଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ମ ବିଧାୟକ ଓ ନାଗରିକ କମିଟିର ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ନାଗରିକ କମିଟିର ଆବାହକ ଅଶୋକ ପରିଡା ପ୍ରାରମ୍ଭିକ ସୂଚନା ଦେଇ ଫୁଲବାଣୀ ପୌର ପରିଷଦର ହୋଲଡିଂ ଟ୍ୟାକ୍ସ ବଢାଇବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦-୦୩-୨୦୧୮ ରୁ କିପରି ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ଜନସାଧାରଣଙ୍କ ମତାମତ ଲୋଡା ନଯାଇ ନିର୍ବାଚିତ କାଉନସିଲ ନଥିବା ବେଳେ ମୂଲ୍ୟାୟନ ଟିମ ମନ ଇଛାରେ ପୂର୍ବରୁ ଦେଉଥିବା ଟିକସର ୨୦-୩୦ ଗୁଣରୁ ଅଧିକ ଟିକସ ବୃଦ୍ଧି ପାଇଁ ସୁପାରିଶ କରିଥିଲେ।ଯାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା।ଓ ପରବର୍ତ୍ତୀ ସମୟରେ ପ୍ରତିବାଦ କରାଯାଇଥିଲା।ଏହାର ସମାଧାନ ପାଇଁ ମାନ୍ୟବର ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଉଦ୍ୟମ କରିଥିବା ବେଳେ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ନାଗରିକ କମିଟିର ମତାମତ ଲୋଡିଥିଲେ। ଫୁଲବାଣୀ ସହର ଓଡ଼ିଶାର ୪ନମ୍ବର କାଟେଗୋରୀରେ ଆସୁଥିବା ନିର୍ବାହୀ ଅଧିକାରୀ ସୂଚନା ଦେବା ସହ ନଗର ଉନ୍ନୟନ ବିଭାଗର କେଉଁ ନିୟମାବଳୀ ଆଧାରରେ ବର୍ଦ୍ଧିତ ହୋଲଡିଂ ଟିକସ ଲାଗୁ ହୋଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ।କିନ୍ତୁ ଫୁଲବାଣୀ ଭଳି ୪ନମ୍ବର ସହର ପାଇଁ ଏକ ନମ୍ବର ସହରର ଟିକସ ଲାଗୁ କରିବାକୁ କରାଯାଉଥିବା ପ୍ରୟାଶକୁ ନାପସନ୍ଦ କରାଯାଇଥିଲା।ଜମିର ବେଂଚମାର୍କ ମୂଲ୍ୟକୁ ହୋଲଡିଂ ଟିକସ ହିସାବ କରିବାରେ ପ୍ରଥମ ଥର ପାଇଁ ମିଶାଯାଉ ଥିବାରୁ ଟିକସ ପରିମାଣ ପୂର୍ବ ଟିକସର କୋଡ଼ିଏ ଗୁଣରୁ ଅଧିକ ହେଉଥିବା ଅଭିଯୋଗ ହୋଇଥିଲା,ଯାହା ଜଣେ ହୋଲଡିଂ ଧାରୀ ଦେବା ସମ୍ଭବ ନୁହେଁ। ଏହି ଅବସରରେ ମିଳିତ ନାଗରିକ କମିଟି ପକ୍ଷରୁ ସଭାପତି ଡ ଅରୂପ କୁମାର ଜେନାଙ୍କ ସହ ଆଇନଜୀବୀ ଭି ଭି ରାମଦାସ,ଭଗବାନ ମହାନ୍ତି,ବିଜୟ ମହାନ୍ତି, ବିଜୟକୃଷ୍ଣ ପଟନାୟକ, ବିରଜା ନାହାକ, ପୂର୍ବତନ ଚେୟାରମ୍ୟାନ କମଳାକାନ୍ତ ପାଣ୍ଡେ, ପ୍ରତାପ ପାତ୍ର,ବରିଷ୍ଠ ନାଗରିକ ପଦ୍ମ ଚରଣ ସ୍ୱାଇଁ,ନବୀନ କିଶୋର ପଣ୍ଡା,ବଂଶଧର ପଣ୍ଡା, ପ୍ରଣବ ମଣ୍ଡଳ,ପଦ୍ମଚରଣ ସାହୁ,ଅବନି କହଁର ପ୍ରମୁଖ ଆଲୋଚନାରେ ଭାଗ ନେଇ ସମସ୍ତଙ୍କୁ ସୁହାଇଲା ଭଳି ଟିକସ ଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ଏହାର ଆସୁ ସମାଧାନ ପାଇଁ ଏକ ମିଳିତ କମିଟି ଗଠନ କରି ଟିକସ ଧାର୍ଯ୍ୟ ନିୟମ ଅନୁଯାୟୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଆବଶ୍ୟକ ସ୍ଥଳେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ସୂଚନା ଦେଇଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ବୈଷୟିକ ପରାମର୍ଶ ଦାତାଙ୍କ ସହ ୩ଜଣ କାଉନସିଲର କମିଟିରେ ରଖିବାକୁ କାଉନସିଲର ମାନଙ୍କୁ ଦାୟିତ୍ୱ ଦେଇଥିବା ବେଳେ ନାଗରିକ କମିଟି ପକ୍ଷରୁ ଆଇନଜୀବୀ ପ୍ରତାପ ପାତ୍ର,ଭଗବାନ ମହାନ୍ତି ଓ ବିଜୟକୃଷ୍ଣ ପଟ୍ଟନାୟକ,ମିଳିତ ନାଗରିକ କମିଟିର ଆବାହକ ଅଶୋକ ପରିଡା ଓ ସଭାପତି ଡ ଅରୂପ ଜେନାଙ୍କୁ କମିଟିରେ ସାମିଲ କରାଯାଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ୧୫ଦିନ ମଧ୍ୟରେ କମିଟି ଆଲୋଚନା କରି ଟିକସ ଧାର୍ଯ୍ୟର ମାନଦଣ୍ଡ ସ୍ଥିର କଲେ ପୌର ପରିଷଦ ଓ ଜନ ସାଧାରଣ ଉପକୃତ ହୋଇପାରିବେ। ଦୀର୍ଘ ପାଂଚ ବର୍ଷର ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିଥିବା ମାନ୍ୟବର ବିଧାୟକ,ଫୁଲବାଣୀ ଓ ନୂତନ ନିର୍ବାହୀ ଅଧିକାରୀଙ୍କ ପଦକ୍ଷେପ ନେଇଥିବାରୁ ମିଳିତ ନାଗରିକ କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ବ୍ରାହ୍ମଣୀ ନଦୀ ବଢ଼ିବା ନେଇ ପ୍ରଶାସନର ସତର୍କତାରେ ନଦୀ ତଟବାସୀ ଛାନିଆ

ଧର୍ମଶାଳା, ୧୭/୦୭ (ନି.ପ୍ର): ଓଡିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀରେ ୪ ଫୁଟ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେବ ବୋଲି ଗତ କାଲି ସନ୍ଧ୍ୟାରେ ଜିଲ୍ଲା ପ୍ରସାସନ ପକ୍ଷରୁ ଡାକବାଜୀ ଯନ୍ତ୍ର ଯୋଗେ ନଦୀ ତଟବର୍ତୀ ଲୋକମାନଙ୍କୁ ସତର୍କ କରାଯାଇଥିଲା । ଫଳରେ ଲୋକେ ଛାନିଆରେ ରାତିତମାମ ଘରେ ଅନିଦ୍ରା ହୋଇ ରହିଥିଲେ । ଗତକାଲି ସନ୍ଧ୍ୟାସୁଦ୍ଧା ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ଜଳପତନ ବିପଦ ସଙ୍କେତ ତଳେ ୬୫.୧୦ ଫୁଟରେ ପ୍ରବାହିତ ହୋଇଥିଲା । ଏହା ଉପରେ ଆହୁରୀ ଅଧିକ ୪ ଫୁଟ ବନ୍ୟାଜଳ ପ୍ରବାହିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକବାଜୀ ଯନ୍ତ୍ର ଯୋଗେ ଗତକାଲି ରାତିରେ ପ୍ରଚାର କରାଯାଇଥିଲା । ଯାହାକୁ ନେଇ ନଦୀ ପାଶ୍ୱରେ ରହୁଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଥିଲେ। ତେବେ ଆଜି ନଦୀରେ ଧିରେ ଧିରେ ବନ୍ୟାଜଳ କମୁଥିବା ଯୋଗୁଁ କିଛିଟା ଆସ୍ୱସ୍ତି ମିଳିଛି । ସୂଚନା ମୁତାବକ ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମରେ ୩ ଗୋଟି ଗେଟ ଖୋଲାଯାଇଥିବା ବେଳେ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ତେବେ ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଆଜି ସନ୍ଧ୍ୟା ସୁଦ୍ଧା ଜଳପତନ ହ୍ରାସ ପାଇ ୬୪.୫୦ ରହିଥିବା ଜଣାଯାଇଛି। ସେହିପରି ଉପର ମୁଣ୍ଡରେ ଅଧିକ ବର୍ଷା ହେଉଥିବାରୁ ଆଉ ଏକ ଗେଟ ଖୋଲିବାର ଆଶଙ୍କା ରହିଥିଲା । ତେବେ ଉପର ମୁଣ୍ଡରେ ବର୍ଷା କମିଯାଇଥିବାରୁ ରେଙ୍ଗାଲିର ଚତୁର୍ଥ ଗେଟ ଖୋଲିବାର ଆଶଙ୍କା କମ ରହିଛି । ତେଣୁ ଭୟଭିତ ହେବାର କାରଣ ନାହିଁ ବୋଲି ଜାରକା ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ସୂଚନା ଦେଇଛନ୍ତି ।

# ବଣ୍ଡା ଘାଟିରେ ୪ ପଂଚାୟତକୁ ୧୨୫୫ ଆବାସ ଗୃହ ପ୍ରଦାନ : ସେଥିମଧ୍ୟରୁ ସମ୍ପୂର୍ଣ୍ଣ ହୋଇଛି ମାତ୍ର ୩୬ ଘର

ମାଲକାନଗିରି, ୧୭/୦୭ (ନି.ପ୍ର): ବଣ୍ଡାଘାଟିରେ ଆବାସ ଫେଲ୍ । ଆଗକୁ ବଢୁନି ଆବାସ ଗୃହ ନିର୍ମାଣ କାମ । କିଏ ଫାଉଣ୍ଡେସନ୍ ସ୍ତରରେ ତ ଆଉ କିଏ ହାତ କରଜ କରି ସ୍ଲାପ୍ ସ୍ତରରେ ଅଟକିଛି । ପ୍ରଶାସନର ଅନୁଦାନକୁ ଅପେକ୍ଷା କରିଛନ୍ତି ହିତାଧିକାରୀ । ଗତ କିଛି ମାସ ତଳେ ଖୋଦ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ବଣ୍ଡାଘାଟି ଗ୍ରସ୍ତ କରି ଆବାସ ପାଇଁ ୫୦ ହଜାର ଅତିରିକ୍ତ ଅନୁକମ୍ପା ରାଶି ଘୋଷଣା କରିଥିଲେ । ହେଲେ ଆଜିଯାଏଁ ଅର୍ଥ ରାଶି ଅନୁମୋଦନ ହୋଇନଥିବାରୁ ବଣ୍ଡା ହିତାଧିକାରୀ ଅନାଇ ବସିଛନ୍ତି । ଖଇରପୁଟ ବ୍ଲକ ର ବଣ୍ଡା ଜନଜାତି ବସ ବାସ କରୁଥିବା ୪ଟି ପଂଚାୟତକୁ ମୋଟ୍ ୧୨୫୫ଟି ଆବାସ ଗୃହ ପ୍ରଦାନ କରାଯାଇଥିବାବେଳେ ସେଥିମଧରୁ ସମ୍ପୂର୍ଣ୍ଣ ହୋଇଛି ମାତ୍ର ୩୬ ଘର। ସୂଚନା ମୁତାବକ, ଅଣ୍ଡ୍ରାହଲ ପଂଚାୟତ ପାଇଁ ଆସିଛି ୫୭୦ ଘର ସେଥିମଧରୁ ନିର୍ମାଣ ହୋଇଛି ୧୫ଟି ଘର। ମୁଦୁଲିପଡ଼ା ପଂଚାୟତ ପାଇଁ ଆସିଛି ୫୯୧ ଘର ସଂପୂର୍ଣ୍ଣ ହୋଇଛି ମାତ୍ର ୧୪ଟି ଘର। ମାଡ଼କାପଦରରେ ୬୭ ଜଣ ହିତାଧିକାରୀଙ୍କୁ ଘର ମିଳିଛି, ହେଲେ ତିଆରି ହୋଇଛି ମାତ୍ର ଗୋଟିଏ ଘର। ସେହିପରି ବଡ଼ଡୁରାଲ ପଂଚାୟତରେ ୨୭ଟି ଘର ଆସିଥିବାବେଳେ ତିଆରି ହୋଇଛି ୬ଟି ଘର। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିର ପଡେଇଗୁଡା ଗାଁର ଆଦିବାରୀ କିର୍ଷାନୀ । ଗତ ୨୦୨୩ - ୨୪ ଆର୍ଥିକ ବର୍ଷରେ ତାଙ୍କୁ ଆବାସ ଗୃହ ମିଳିଥିଲା । ସମ୍ପୂର୍ଣ୍ଣ କରିବାର ୬ ମାସ ବିତିଲାଣି କିନ୍ତୁ ଫାଇନାଲ ବିଲ ହୋଇନାହିଁ । ଧାର କରଜ କରି ଘର ସମ୍ପୂର୍ଣ୍ଣ କରିଥିଲେ ଆଦିବାରୀ ।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା : ପ୍ରେମିକ ଗିରଫ

ଜୟପୁର, ୧୭/୦୭ (ନି.ପ୍ର): ବିବାହର ପ୍ରତିଶ୍ରୃତି ଦେଇ ଯୁବତୀ ଜଣକୁ ଗର୍ଭବତୀ କରିଥିବା ଘଟଣାରେ ମହିଳା ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ପୁଲିସ କହିବାନୁଯାୟୀ, ମାଲକାନଗିରି ଜିଲ୍ଲା କାମରାଗୁଡା ଅଂଚଳର ଝିନୁ ଖିଲ ହାନାଗୁଡା ଅଂଚଳର ଜଣେ ଯୁବତୀ ସହ ପ୍ରେମ କରିଥିଲେ । ସେମାନଙ୍କ ମଧରେ ଶାରିରିକ ସମ୍ପର୍କ ପରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ । ଯୁବତୀ ଜଣକ ବିବାହ କରିବା ପାଇଁ ଝିନୁକୁ ବାଧ କରିବାରୁ ଝିନୁ ଫେରାର ହୋଇଯାଇଥିଲେ । ଏନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ମହିଳା ପୁଲିସ ଅଭିଯୁକ୍ତ ଝିନୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ମହିଳା ଥାନା ଅଧିକାରୀ ଅଶ୍ରିତା ଖାଲକୋ ସୂଚନା ଦେଇଛନ୍ତି ।

# ଜିଲାସ୍ତରୀୟ ୧୩୧ତମ ଜୟନ୍ତୀ ପାଳିତ : ବିପ୍ଳବୀ ଚକ୍ରଧର ବେହେରା ଥିଲେ କନିକାର ସୂର୍ଯ୍ୟ

ଭଦ୍ରକ, ୧୭/୦୭ (ନି.ପ୍ର): କନିକାର ପ୍ରଜାମାନଙ୍କୁ ତତ୍କାଳୀନ ରାଜାଙ୍କ କବଳରୁ ମୁକ୍ତି କରିବା ପାଇଁ ପ୍ରଜା ଆନ୍ଦୋଳନ ଆକାଶରେ ସୂର୍ଯ୍ୟ ଭଳି ପ୍ରତିଭା ତ ହୋଇଥିଲେ ବିପ୍ଳବୀ ଚକ୍ରଧର ବେହେରା। ନିଜେ ସେହି ରାଜ ଦରବାରରେ ଚାକିରୀ କରି ସେହି ଦରବାରର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରିବା ଇତିହାସରେ କମ୍ ଦେଖିବାକୁ ମିଳେ। ମେଧାବୀ ସ୍ୱାଧୀନ ଚେତା କବି ସାହାସୀ କନିକା ଆନ୍ଦୋଳନର ରଥୀ ସାଜିଥିଲେ ଚକ୍ରଧର ବେହେରା। ବିଧାନସଭାରେ ନିର୍ବାଚିତ ବିଧାୟକ ଭାବେ ନିଜ ମାଟି ପାଇଁ ଯେଉଁସବୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି, ତାହା ଚିର ସ୍ମରଣୀୟ ହୋଇରହିବ। ଭୋଗ ନୁହେଁ ତ୍ୟାଗ, ନିଜ ପାଇଁ ନୁହେଁ ଅନ୍ୟ ପାଇଁ ବଂଚିବା ତାଙ୍କର ନୀତି ଓ ବ୍ରତ ଥିଲା ବୋଲି ଜିଲାସ୍ତରୀୟ ବିପ୍ଳବୀ କବି ଚକ୍ରଧର ବେହେରାଙ୍କ ୧୩୧ତମ ଜୟନ୍ତୀ ପାଳନରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ସଂସ୍କୃତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲ୍ଲୀପ ରାଉତରାୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ତଥା ବିଶିଷ୍ଟ ସାହିତ୍ୟକ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାର, ବରିଷ୍ଠ ସମାଜସେବୀ ତ୍ରୈଲୋଚନ ଜେନା, ଚକ୍ରଧର ବେହେରା ସ୍ମୃତି କମିଟି ସଭାପତି ବାସୁଦେବ ବାରିକ, ସଂପାଦକ ଉପେନ୍ଦ୍ର ବାରିକ, ସଂଯୋଜକ ଭାବେ ଡେପୁଟି କଲେକ୍ଟର କାର୍ତିକନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଂଚ ପରିଚାଳନା କରିଥିଲେ। ଗାନ୍ଧି ଓଡ଼ିଶା ବାଳାଶ୍ରମର ଅନ୍ତେବାସୀ ସ୍ମୃତି ସଂଗୀତ ପରିବେଷଣ କରିଥିଲେ। ତ୍ୟାଗଭୂମିର ସଭାପତି ତଥା ସମାଜସେବୀ ଅଜୟ ନାୟକ, ଭୂମିକନ୍ୟା ସଂଗଠନର ସଂପାଦିକା ସଂଯୁକ୍ତା ବଳ ମଧ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଜୟନ୍ତୀ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱର୍ଗତଃ ଶାନ୍ତିଲତା ନାଗ ସ୍ମୃତି କମିଟି ତରଫରୁ ମଧ ପ୍ରଥମ ପ୍ରତିଭାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜଗା ଚାକର ସଂଘର କର୍ମକର୍ତାମାନଙ୍କୁ ମଧ ସେମାନଙ୍କର ଉର୍ସ୍ୱର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରପ୍ରାପ୍ତ ସରକାରୀ ସୂଚନା ଲୋକ ସଂପର୍କ ଅଧିକାରୀ ଶାଶ୍ୱତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଜିଲା ପ୍ରଶାସନ ତରଫରୁ ଓଡ଼ିଆ ବରପୁତ୍ରମାନଙ୍କ ଫଟୋ ସମ୍ବଳିତ ଓଡ଼ିଶା କ୍ୟାଲେଣ୍ଡର ସମସ୍ତଙ୍କ ମଧରେ ବିତରଣ କରାଯାଇଥିଲା। ବିଭାଗୀୟ କର୍ମଚାରୀ ମିନାକ୍ଷୀ ତାରାବଡ୍ଡୁ, ଲିସାରାଣୀ ରାଉତ, ଜିଲା କଳା ସଂସ୍କୃତି ସଂଘର ସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମର ସହଯୋଗ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ : ଶିଶୁ ବିଭାଗ ଡାକ୍ତର ନିଯୁକ୍ତି ପାଇଁ ଦାବି

ଭୁବନ, ୧୭/୦୭ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେଡ଼ିକାଲର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ରମେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ପ୍ରତିନିଧି ସମୀର କୁମାର ସାହୁ, ବ୍ଲକ ଅଧକ୍ଷା ସିପ୍ରା ବରାଳ,ଏନ୍ ଏ ସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ,ଡଃ ମନୋଜ କୁମାର ମହାନ୍ତି ଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଦସ୍ୟ ମାନେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

କେନ୍ଦ୍ରାପଡ଼ା, ୧୭/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ଜନସଂଖ୍ୟା ପକ୍ଷ ପାଳନ -୨୦୨୫ ଜିଲ୍ଲା ତାଲିମ ୟୁନିଟ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ରାଉତ ଅଧକ୍ଷତା କରିଥିଲେ। ଚଳିତବର୍ଷର ଶୀର୍ଷକ -'ମା' ହେବାର ବୟସ ଠିକ୍- ଯେତେବେଳେ ଶରୀର ଓ ମନର ପ୍ରସ୍ତୁତି ଠିକ୍ ଉପରେ ଗୁରୁତ୍ୱ ରଖିଥିଲେ ଡ. ରାଉତ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡ. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରାଙ୍ଗ ଚରଣ ଗିରୀ, ଏଡିଏମ୍ ଓ ମେଡ଼ିକାଲ ଡ. ପ୍ରମୋଦ କୁମାର ପ୍ରହରାଜ, ଡି.ପି.ଏମ୍. ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ, ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ପରିବାର ନିୟୋଜନର ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ସାଙ୍ଗକୁ ପରାମର୍ଶ ସେବା ବିଷୟରେ ସମ୍ପୂର୍ଣ୍ଣ ଆଲୋଚନା କରିଥିଲେ। ଉପସ୍ଥିତ ସମସ୍ତ ମେଡ଼ିକାଲ ଅଫିସର ଇନ୍-ଚାର୍ଜମାନଙ୍କୁ ପରିବାର ନିୟୋଜନ ପଦ୍ଧତି ଉପରେ ଅଧିକ ସଚେତନତା ମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଜିଲ୍ଲା ତରଫରୁ ପରାମର୍ଶ ଦିଆଯାଇଥିଲା। ଏ ବର୍ଷ ମହିଳା ବନ୍ଧ୍ୟାକରଣ ସର୍ଜନ ଭାବେ ଡ. ଆର୍.କେ. ପାତ୍ରଙ୍କୁ ରାଜ୍ୟସ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମାହଲିଂଗଙ୍କ ଦ୍ୱାରା ତା. ୧୧.୦୭.୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଛି। ଗତବର୍ଷ ୨୦୨୪-୨୦୨୫ରେ ପୁରୁଷ ବନ୍ଧ୍ୟାକରଣ ୬୨ଟି କେସ୍ କରିଥିବାରୁ ଡ. ସଚ୍ଚିଦାନନ୍ଦ ମିଶ୍ର ଏବଂ ଡ. ଆର. କେ. ପାତ୍ରଙ୍କୁ ୧୫୩୮ଟି ମହିଳା ବନ୍ଧ୍ୟାକରଣ ଅପରେସନ କରିଥିବାରୁ ଉଭୟଙ୍କୁ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧିତ କରାଯାଇଛି। ଠିକ୍ ସେହିପରି ବ୍ଲକ ସ୍ତରରେ ଅଧିକା ମହିଳା ବନ୍ଧ୍ୟାକରଣ ଅପରେସନ କରିଥିବାରୁ ମହାକାଳପଡ଼ା, ରାଜନଗର ଏବଂ ପଟ୍ଟାମୁଣ୍ଡାଇଙ୍କୁ, ପୁରୁଷ ବନ୍ଧ୍ୟାକରଣରେ ଗରଦପୁର, ମହାକାଳପଡ଼ା ଏବଂ ପଟ୍ଟାମୁଣ୍ଡାଇଙ୍କୁ ସମ୍ବର୍ଦ୍ଧିତ କରାଗଲା। ପରିବାର ନିୟୋଜନର ଅନ୍ୟାନ୍ୟ ପଦ୍ଧତି ଯଥା କପର୍ଟି, ଇଞ୍ଜେକସନ ଅନ୍ତରା ପାଇଁ ମଧ ଇନ୍ଦୁପୁର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆଳୀ, ଡେରାବିଶ, ମହାକାଳପଡ଼ା, ରାଜକନିକା ଏବଂ ରାଜନଗରଙ୍କୁ ଜିଲ୍ଲା ସ୍ତରରେ ସମ୍ବର୍ଦ୍ଧନା କରାଯାଇଛି। ପରିବାର ନିୟୋଜନ ଟିମ୍ ମେମ୍ବର ହିସାବରେ ନର୍ସିଂ ଅଫିସର ବାସନ୍ତୀ ନାୟକ, ମିନତୀ ଲେଙ୍କା ଓ ରମେଶ ମୁଦୁଲିଙ୍କୁ ସମ୍ବର୍ଦ୍ଧନା କରାଗଲା । ବ୍ଲକ ସ୍ତରରୁ ମେଡ଼ିକାଲ ଅଫିସର ଇନ୍ - ଚାର୍ଜ, ବିପିଏମ ଓ ପିଏଚ୍ଇଓମାନେ ସମ୍ବର୍ଦ୍ଧିତ ହେଲେ। ଅଂଶଗ୍ରହଣକାରୀ ଭାବେ ଆସିଷ୍ଟାଂଟ ମ୍ୟାନେଜର ଜ୍ୟୋତି ଜେନା, ମମତା ଦାଶ, ଜ୍ୟୋସ୍ନାରାଣୀ ନାୟକ, ଏଏନ୍ଏମ୍ ତାଲିମ କେନ୍ଦ୍ରର ପ୍ରିନ୍ସିପଲ୍, ନର୍ସିଂ ଛାତ୍ରି, ପରାମର୍ଶଦାତ୍ରୀ ସସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡି.ପି.ଏଚ୍.ସି.ଓ ଶୁଭ ନାରାୟଣ ଶେଷରେ ପ୍ରସ୍ତୁତି କରିଥିବା ବେଳେ ଶେଷର ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଏସସିର ୧୬ ବର୍ଷ ପୂର୍ତ୍ତି ପାଳନ : ବୃକ୍ଷ ରୋପଣ ସହ ବିଭିନ୍ନ ସେବାକାର୍ଯ୍ୟ ଉଦ୍‌ଘାଟିତ

ସମ୍ବଲପୁର, ୧୭/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲାର ସମସ୍ତ ଜନସେବା କେନ୍ଦ୍ର (ସିଏସସି) ଗୁଡିକର ଅକ୍ଲାନ୍ତ ପରିଶ୍ରମ ଓ ଲୋକଙ୍କୁ ନିର୍ଭୁଲ ସେବା ଯୋଗାଇ ଆସୁଥିବା ସମସ୍ତ ସିଏସସି ଚଳିତ ବର୍ଷ ୧୬ ବର୍ଷରେ ଅବତରଣ କରିଛି । ସିଏସସିର ଏହି ୧୬ ବର୍ଷ ପୂର୍ତି ଅବସରରେ ସମଗ୍ର ରାଜ୍ୟରେ ଭିଏଲଇ ଭାଇ ମାନେ ସିଏସସିର ଜନ୍ମଦିନ କେକ୍ କାଟିବା ସହ ବୃକ୍ଷ ରୋପଣ, ବାଇକ୍ ରାଲି ଓ ସିଏସସିର ବିଭିନ୍ନ ଜନସେବା କାର୍ଯ୍ୟକୁ ବେଶ୍ ଉସାହିତ ସହ ଉଦଘାଟନ କରି ପାଳନ କରିଛନ୍ତି । ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ମଧ ଆଜି ବ୍ଲକର ସମସ୍ତ ଭିଏଲଇ ଭାଇମାନେ ନିଜ ନିଜ ସେଂଟରକୁ ଫୁଲ, ବେଲୁନ୍ ରେ ସୁସଜ୍ଜିତ କରି କେକ୍ କାଟିବା ସହ ସେବାକେନ୍ଦ୍ରର ବିଭିନ୍ନ ସେବା କାର୍ଯ୍ୟକୁ ଉଦଘାଟନ କରି ଲୋକଙ୍କୁ ବିଭିନ୍ନ ସେବା ପ୍ରଦାନ କରି ଉତ୍ସବ ପାଳନ କରିଛନ୍ତି । ଏହି ଅବସରରେ ଆଜି ଜମନକିରା ବ୍ଲକ ପରିସରରେ ଲାଲକୃଷ୍ଣ ଜୟପୁରିୟା, ଶୁଭମ ପଟେଲ, ବବଲୁ ପଟେଲ, ଶୁଭମ ପଟେଲ (୨), ଲକ୍ଷ ହଂସ, ସୌରଭ ପଟେଲ, ଲିପନ ନାଏକଙ୍କ ସହ ବ୍ଲକ ର ଅଧିକାଂଶ ଭିଏଲଇ ଭାଇ ମାନେ ଯୋଗ ଦେଇ ମିଳିତ ଭାବେ ସିଏସସିର ୧୬ ବର୍ଷ ପୂର୍ତିକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି । ସେହିପରି ଜମନକିରା ସହ ସମ୍ବଲପୁର, କୁଚିଣ୍ଡା, ବାମରା, ରେଢ଼ାଖୋଲ, ନାକଟିଦେଉଳ, ରେଙ୍ଗାଲି, ଯୁଯୁମୁରା ଭଳି ବିଭିନ୍ନ ସ୍ଥାନରେ ସିଏସସିର ୧୬ତମ ବର୍ଷ ପୂର୍ତି ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ପ୍ରମୁଖ ଅସିତ ମହାନ୍ତି ଓ ଦିନେଶ ପଧାନ ସମସ୍ତ ଜିଲ୍ଲା ଭିଏଲଇ ଭାଇ ମାନଙ୍କୁ ଓ ଜନସାଧାରଣ ଙ୍କୁ ଧନ୍ୟବାଦ ଦେବା ସହ ଆଗକୁ ମଧ ସିଏସସି ଏହି ଭଳି ସବୁ ସମୟରେ ଲୋକଙ୍କ ସୁଖ ଦୁଃଖ ର ସାଥି ହୋଇ ଚାଲି ରହିବ ବୋଲି ଆହ୍ୱାନ ଦେଇଛନ୍ତି ।

## ବୈତରଣୀରେ ଭାସି ଯାଇ ମହିଳା ନିଖୋଜ

କେନ୍ଦୁଝର, ୧୭/୦୭ (ନି.ପ୍ର):ବାଂଶପାଳ ବ୍ଲକ୍ ବାୟାକୁମୁଟିଆ ଗାଁରୁ ଦୁଇ ବୃଦ୍ଧା ସାଙ୍ଗ ନିକଟ ବୈତରଣୀ ଗାଁକୁ ଯିବା ପାଇଁ ଗତକାଲି ଅପରାହ୍ନରେ ଘରୁ ବାହାରି ପାଦଚଲା ରାସ୍ତା ଦେଇ ବୈତରଣୀ ନଦୀ ପାରିହେଉଥିଲେ । ଏହି ଚେଷ୍ଟା କରୁଥିବା ସମୟରେ ଦୁହେଁ ଭାସି ଯାଇଥିଲେ । ଜଣେ ସାଙ୍ଗ କିଛି ଦୂରରେ ଥିବା ଏକ ଗଛ ଡାଳକୁ ଧରି ନିଜକୁ ରକ୍ଷା କରିପାରିଥିଲେ। କିନ୍ତୁ, ଆଉ ଜଣେ ସାଙ୍ଗ ମଲ୍ଲୀ ମୁଣ୍ଡା ନଦୀରେ ଭାସିଯାଇ ଏଯାଏଁ ନିଖୋଜ ଅଛନ୍ତି । ବହୁ ଖୋଜାଖୋଜି ପରେ ଏନେଇ ଏକ ଅଭିଯୋଗ ସ୍ଥାନୀୟ ଶୁଆକାଟୀ ଫାଣ୍ଡିରେ ତାଙ୍କ ପୁଅ ମୁନସୀ ମୁଣ୍ଡା ଦେଇଥିବା ଜଣାପଡିଛି।

# ପାରାଦୀପ ବନ୍ଦ ସଫଳ : ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ହରତାଳ




ପାରାଦୀପ, ୧୭/୭ (ନି.ପ୍ର): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତୀ ଘଟଣା ଏବେ ସମଗ୍ର ରାଜ୍ୟ ବାସୀଙ୍କୁ ସ୍ତମ୍ଭିଭୂତ କରିଦେଇଛି ।ତାରି ଆଡ଼େ ଏଭଳି ଆତ୍ମହୁତି ଘଟଣାକୁ ନେଇ ଶାସକ ଦଳ ବିଜେପି କୁ ବଦନାମ ହେବାକୁ ପଡିଛି । ନ୍ୟାୟ ପାଇବା ପାଇଁ ସୌମ୍ୟାଶ୍ରୀ ବିଭିନ୍ନ ମହଲରେ ନିବେଦନ କରି ବିଫଳ ହେବା ପରେ ଆତ୍ମାହୂତୀ ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଯାହା ଫଳରେ ତାଙ୍କର ଜୀବନ ଚାଲି ଯାଇଥିଲା। ତେବେ ସରକାର ରାଜ୍ୟରେ ମହିଳମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ବାଲେଶ୍ୱର ବିଧାୟକ, ସାଂସଦଙ୍କ ଇସ୍ତଫା ଦାବୀରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଦିନ ଓଡିଶା ବନ୍ଦ ଡାକରା ଦେଇଥିଲା । ଏହି ବନ୍ଦ ଡାକରାକୁ କମ୍ୟୁନିଷ୍ଟ ପାର୍ଟି ସମେତ ୭ଗୋଟି ଦଳ ସମର୍ଥନ ଦେଇଥିଲେ ।ତେବେ ଏହି ବନ୍ଦ ଡାକରା ପାରାଦୀପ ବନ୍ଦର ସମେତ ସବୁ ଶିଳ୍ପ ସଂସ୍ଥା ରେ ସକାଳ ୬ ରୁ ଦିନ ୨ ଟା ପର୍ଯ୍ୟନ୍ତ ରହିଥିଲା ।ବିଶେଷକରି ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ କଂଗ୍ରେସର ବହୁ କର୍ମୀ ଏକତ୍ରିତ ହୋଇ ଯାତାୟାତ ବନ୍ଦ କରିଦେଇଥିଲେ ।ସିଆଇଏସଏଫ ଓ ପୋଲିସ କର୍ମଚାରୀ ଆନ୍ଦୋଳନ କାରୀଙ୍କୁ ମଧ୍ୟ ସମର୍ଥନ ଜଣାଇଥିଲେ। ତେବେ ସ୍ୱତ ପ୍ରବୃତ ଭାବେ ପାରାଦୀପ ରେ ସମସ୍ତ ବ୍ୟବସାୟୀ ମାନେ ବ୍ୟବସାୟ ବନ୍ଦ ରଖିଥିଲେ। ଏପରିକି ବଡପର୍ଦ୍ଦିଆ ଅଞ୍ଚଳରେ ଚା ଦୋକାନ ଟିଏ ମଧ ଖୋଲାଯାଇ ନଥିବାର ଦେଖିବାକୁ ମିଳିଥିଲା। ପାରାଦୀପର ମହିଳା, ଛାତ୍ରଯୁବ କଂଗ୍ରେସ୍ କର୍ମୀମାନେ ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବନ୍ଦ କରିବାକୁ ଯାଇଥିଲେ । ସୌମ୍ୟାଶ୍ରୀଙ୍କୁ ସମର୍ଥନ ଜଣାଇ ପାରାଦୀପର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ବ୍ୟବସାୟିକ ଅନୁଷ୍ଠାନ, ରେଳ ଚଳାଚଳ, ବସ୍ ସେବା, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। କଂଗ୍ରେସ୍ କର୍ମୀଙ୍କ ସହିତ କମ୍ୟୁନିଷ୍ଟ ପାର୍ଟିର କର୍ମୀ ମଧ ସାମିଲ ହୋଇଥିଲେ ।ବଡପର୍ଦ୍ଦିଆ, ଅଠରବାଙ୍କୀ, ଦୋଛକି, ଜିରୋ ପଏଣ୍ଟ, ପାରାଦୀପ ଗଡ ଅଞ୍ଚଳରେ କମରସିଆଲ କାର୍ଯ୍ୟରେ ବ୍ୟବହୃତ ସମସ୍ତ ଯାନବାହନ ଗୁଡିକୁ ବନ୍ଦ କରାଯାଇଥିଲା ।ଏହି ବନ୍ଦ ଡ଼ାକରାରେ ପାରାଦୀପ ର ବରିଷ୍ଠ କଂଗ୍ରେସ୍ ନେତା କାଳନ୍ଦି ଚନ୍ଦ୍ର ଦାସ, ତ୍ରିନାଥ ମହାନ୍ତି, ଜ୍ୟୋତିରଂଜନ ଦାସ, ପଦ୍ମସମ୍ଭୂତ ମହାନ୍ତି, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ସୁନାକର ବାରିକ, ସୁଶାନ୍ତ ବାରିକ, ମହିଳା କଂଗ୍ରେସ୍ ନେତ୍ରୀ ବିନତି ପଢିଆରୀ, ଖୁଲଣା ଜେନା, କୌଶଲ୍ୟା ମହାନ୍ତି, ପୁଷ୍ପା ଦାସ, ଧରିତ୍ରୀ ସାମଲ, ଛାତ୍ର କଂଗ୍ରେସ୍ ନେତା ରାକେଶ ମହାପାତ୍ର, ଜନ୍ମେଜୟ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ବସ୍ତାରେ ବନ୍ଦ ଡାକରା ସଫଳ




ବସ୍ତା, ୧୭/୭ (ନି.ପ୍ର): ଫକୀର ମୋହନ ମହାବିଦ୍ୟାଳୟ ର ଛାତ୍ରୀ ସ୍ୱର୍ଗତା ସୌମ୍ୟାଶ୍ରୀ କୁ ନ୍ୟାୟ ଦାବି ରେ ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାଶ ଙ୍କ ନିଷ୍ପତ୍ତି ଓ ଇଣ୍ଡିଆ ମେଣ୍ଟର ସମ୍ମତି ଅନୁସାରେ ଆଜି ଓଡିଶା ବନ୍ଦ ଡାକରା ରେ ବସ୍ତା କଂଗ୍ରେସ ପକ୍ଷରୁ ବସ୍ତା ସଦର ମହକୁମା ସମେତ ସବୁ ଆଡେ ଶୁନ ଶାନ ଦୁଇ ମୁଖ୍ୟ ସ୍ଥଳ ବସ୍ତା ଓ ଗାନ୍ଧୀ ଛକ ପୁରା ଶୁନ ଶାନ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଓ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ଯୁବ ନେତା ସୁଧାଂଶୁ ଶେଖର ଜେନା ଙ୍କ ନେତୃତ୍ୱ ରେ ସକାଳେ ନେତା ଓ କର୍ମୀମାନେ ବସ୍ତା ତାରିଣୀ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଥିଲେ ପରେ ଏକ ମଟରସାଇକେଲ ଶୋଭାଯାତ୍ରା ଗାନ୍ଧୀ ଛକ, ବାହାର୍ଦା ମଥାନୀ କୁଡିଆ ପୋଲ ଯାଇଥିଲେ ଆନ୍ଦୋଳନ କାରି ମାନେ ବସ୍ତା ବ୍ଲକ, ବସ୍ତା ତହସିଲ ଶିକ୍ଷ୍ୟା ଅଧିକରୀ ସବ ରେଜିଷ୍ଟ୍ରାର , ସମସ୍ତ ସ୍କୁଲ କଲେଜ ବ୍ୟାଙ୍କ ସବୁ ବନ୍ଦ ହୋଇଥିଲା ଗାନ୍ଧୀ ଛକ ଠାରେ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷ୍ୟା ମନ୍ତ୍ରୀ ଓ ସାଂସଦ ଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଏହି ବନ୍ଧ ରେ ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ ପୁର୍ବତନ ସରପଞ୍ଚ ଜଗଦୀଶ ସାହୁ ଜିଲ୍ଲା କିଶାନ ସଭାପତି ଜୟନ୍ତ ମହାପାତ୍ର ଅରୁଣ ମଣ୍ଡଳ ମଦନ ଭକ୍ତା ମଦନ ଜେନା ଜନ ଜୀବନ ପ୍ରଧାନ ବ୍ରଜେନ୍ଦ୍ର ଗିରି ଶୁଶାନ୍ତ ସାହୁ କମଳ ଲୋଚନ ଜେନା ନିତ୍ୟାନନ୍ଦ ବିଶ୍ୱାଳ ବରେନ ପରିଡା ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ଯୁବ କଂଗ୍ରେସ ଉପସଭାପତି ସେକ କବିରୁଦ୍ଦିନ ନାରି ନେତ୍ରୀ ସୁଷମା ନାୟକ ଯତୀନ୍ଦ୍ର ଜେନା ବ୍ଲକ ଉପସଭାପତି ନରେନ୍ଦ୍ର ଦାସ ବିଜୟ ସାହୁ ଛାତ୍ର କଂଗ୍ରେସ ନେତା ସନ୍ତୋଷ ଗୋଛୟତ ଙ୍କ ସମେତ ବହୁ କର୍ମୀ ସାମିଲ୍ ହୋଇଥିଲେ ସେହିପରି ଭେଲୋରା ଠାରେ ପୁର୍ବତନ ବିଧାୟକ ଦେବୀ ପ୍ରଶନ ଚନ୍ଦ ଗୌରୀ ଶଙ୍କର ଜେନା ଅଞ୍ଜଳି ପ୍ରଧାନ ଦରଡା ରେ ପୁର୍ବତନ ସରପଞ୍ଚ ପ୍ରଭାସ ମଣ୍ଡଳ ପଂଚାୟତ ସଭାପତି ନରହରି ଘଡାଇ ମୁକୁଲିସ ରେ ସରପଞ୍ଚ ଅମିତ୍ ବିଶାଲ ପିତାମ୍ବର ପ୍ରଧାନ ନେତୃତ୍ୱ ନେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଅଜିତ୍ ପୁହାଣ ପ୍ରତାପ ବେହେରା ଲଲି ଫକ୍ରୁଦ୍ଦୀନ ଶୁଶାନ୍ତ ଜେନା ସେକ ଭୋଲା ଗୌରାଙ୍ଗ ସେଠି ନେତୃତ୍ୱ ମାନେ ବିଭିନ୍ନ ସ୍ଥାନ ରେ ବିକ୍ଷ୍ୟଭ କରି ସଫଳ କରିଥିଲେ।

# ପଞ୍ଚୁପାଲିରେ କଂଗ୍ରେସର ବନ୍ଦ ପ୍ରଭାବ



ଲଙ୍ଗଳେଶ୍ୱର, ୧୭/୭ (ନି.ପ୍ର): ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟାକୁ ନେଇ ସାରା ଓଡ଼ିଶାରେ କଂଗ୍ରେସ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିବାବେଳେ ବାଲିଆପାଳ ବ୍ଲକର ପଞ୍ଚୁପାଲି ବଜାର ରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି ।ସକାଳୁ ୬ ଟା ପାଖରୁ କଂଗ୍ରେସ ର କର୍ମୀମାନେ ବାଲିଆପାଳ ବ୍ଲକ ଛକ ସମେତ ପଞ୍ଚୁପାଲି,କାଳିପଦା, ଲଙ୍ଗଳେଶ୍ୱର ଇତ୍ୟାଦି ସ୍ଥାନରେ ପିକେଟିଂ କରିବା ସହ ଦୋକାନ ବଜାର, ସ୍କୁଲ, କଲେଜ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ତେବେ ପଞ୍ଚୁପାଳି ଛକରେ ସମିତି ସଭ୍ୟ ଗୋପାଳ ଚନ୍ଦ୍ର ଦାସ ଙ୍କ ନେତୃତ୍ୱ ରେ ବନ୍ଦ ପାଳନ ହୋଇଥିବା ବେଳେ ପଞ୍ଚୁପାଲି ବଜାରରେ ଦିଲ୍ଲୀପ ଗିରି, ଗୋପାଳ ଚନ୍ଦ୍ର ଦାସ, ବେଣୁଧର ପରିଡା, ହରେକୃଷ୍ଣ ପରିଡା, ଜୟନ୍ତୀ ଗିରି, ଅଜୟ ଗିରି, ତପନ କୁମାର ଗିରି, ସତ୍ୟଜିତ ଗିରି, ହୃଷିକେଶ ପଣ୍ଡା, ହରେକୃଷ୍ଣ ସେନାପତି, ବିଶ୍ୱଜିତ ପ୍ରଧାନ, ନିର୍ମଳ ଗିରି, ସୃଷ୍ଟିଧର ସାହୁ, ମୃତ୍ୟୁଞ୍ଜୟ ଦାସ, ବିନୋଦ କୁମାର ଗିରି, ସାଇମନ୍ତ ସେଠୀ, ମାନସ ଦାସ ପ୍ରମୁଖ ବନ୍ଦ କରିଥିଲେ। ତେବେ ଏହି ବନ୍ଦରେ ସମୟରେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଆରଡିରେ କଂଗ୍ରେସ ଦଳ ପକ୍ଷରୁ ୧୨ଘଂଟିଆ ବନ୍ଦ ପାଳନ

ଭଦ୍ରକ, ୧୭/୭ (ନି.ପ୍ର): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ନ୍ୟାୟ ଦାବିରେ ରାଜ୍ୟ କଂଗ୍ରେସ ପକ୍ଷରୁ ୧୨ଘଂଟିଆ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଗୁରୁବାର ସକାଳ ୬ଟାରୁ ଆରଡି ସମେତ ସୁନ୍ଦରପୁର, ଓଲଗ, ନାନ୍ଦପୁର ଆଦି ଅଂଚଳରେ କଂଗ୍ରେସ କର୍ମୀମାନେ ପିକେଟିଂ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଦୋକାନ ବଜାର ବନ୍ଦ କରିବାକୁ ସାଧାରଣ ଲୋକଙ୍କୁ ଜଣାଇଥିଲେ। ଯାହାର ପ୍ରଭାବରେ ଆରଡିପୀଠ ସମେତ ଓଲଗମଠ, ଦୋହରା ପାଟଣା, ସୁନ୍ଦରପୁର ବଜାର ବନ୍ଦ ରହିବା ସହ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସମସ୍ତ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା।

# ବାସୁଦେବପୁରରେ ଓଡ଼ିଶା ବନ୍ଦ ସଫଳ




ବାସୁଦେବପୁର, ୧୭/୭ (ନି.ପ୍ର): ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ଭାରତୀୟ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଆଜି ସମଗ୍ର ଓଡ଼ିଶା ବନ୍ଦ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବାସୁଦେବପୁରରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ବାସୁଦେବପୁରର ବିଭିନ୍ନ ଶିକ୍ଷାନୁଷ୍ଠାନ, ଦୋକାନ ବଜାର ବନ୍ଦ ରହିଥିଲା। ଏହା ବ୍ୟତୀତ ବିଭିନ୍ନ ଗାଡ଼ି ଯାନ ବାହନ ଚଳାଚଳ ବନ୍ଦ ରହିଥିଲା। ଏହି ଓଡ଼ିଶା ବନ୍ଦ ଦିବସରେ ଯୋଗ ଦେଇଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ,ବାସୁଦେବପୁର ନଗର କଂଗ୍ରେସ କମିଟିର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ପ୍ରଭାତ ବାରିକ୍, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ନାରୀ ନେତ୍ରୀ ମଞ୍ଜୁଲତା ପଣ୍ଡା, ଗଙ୍ଗାଧର ବାରିକ୍,ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁବ୍ରତ ବେହୁରା, ସୁଶାନ୍ତ ମହାକୁଡ଼, ସିଦ୍ଧାନ୍ତ ଦାସ, ହରି ଶଙ୍କର ପଟ୍ଟନାୟକ, ରମେଶ ଚନ୍ଦ୍ର ଚଣ୍ଡ, ଅକ୍ଷୟ ବାରିକ୍, ଟୁଟୁ ଖାଁ, ଜଗନ୍ନାଥ ମିଶ୍ର, ପ୍ରଶାନ୍ତ ଦଳେଇ, ସୂର୍ଯ୍ୟକାନ୍ତ ମଲ୍ଲିକ, କା ଉନସିଲର ସୁନୀଲ ପାତ୍ର,ତୁହିଦ୍ ଖାଁ। ସେହିପରି ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ଜିଲ୍ଲା ସଭାପତି ନାରୀନେତ୍ରୀ ମମତା ଜେନା, ସୀତାରାଣୀ ଦାସ, ବାସନ୍ତୀ ବେହେରା, ବିଶିଷ୍ଟ ନାରୀ ନେତ୍ରୀ ବନଲତା ଜେନା, ବାସୁଦେବପୁର ସି ପି ଆଇ ଜୋନ ସମ୍ପାଦକ ହରିହର ବେହେରା, କାହ୍ନୁ ଚରଣ ବେହେରା, ବିଜୟ ଲକ୍ଷ୍ମୀ ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ। କଂଗ୍ରେସ୍,ସିପିଆଇ ସିପିଏମ, ଓ ବିଭିନ୍ନ ଦଳ ଏହି ଓଡ଼ିଶା ବନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ସୌମ୍ୟାଶ୍ରୀ ଙ୍କୁ ତୁରନ୍ତ ରାଜ୍ୟ ସରକାର ନ୍ୟାୟ ଦିଅନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ ଓ ବିଜେପି ସରକାର ଙ୍କୁ ସମାଲୋଚନା କରିଥିଲେ। ବାସୁଦେବପୁର ପୋଲିସ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ଓଡ଼ିଶା ବନ୍ଦ ଜଳେଶ୍ୱରରେ ସମ୍ପୂର୍ଣ୍ଣ ସଫଳ



ଜଳେଶ୍ୱର, ୧୭/୭ (ନି.ପ୍ର): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ଦାବିରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), କଂଗ୍ରେସ ଓ ଅନ୍ୟାନ୍ୟ ବାମପନ୍ଥୀ ଦଳର ମିଳିତ ଆହ୍ୱାନ କ୍ରମେ ଦିଆଯାଇଥିବା ଓଡ଼ିଶା ବନ୍ଦର ଡ଼ାକରା ଯୋଗୁଁ ଜଳେଶ୍ୱରରେ ଦୋକାନ, ବଜାର, ଅଫିସ,ଦପ୍ତର,ସ୍କୁଲ କଲେଜ, କୋର୍ଟ କଚେରୀ, ବ୍ୟାଙ୍କ ବୀମା, ଗାଡ଼ି ମଟର, ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ଜଳେଶ୍ୱର ବାସୀଙ୍କ ସମର୍ଥନ ଓ ସହଯୋଗ ଯୋଗୁଁ ଏହି ବନ୍ଦ ସଫଳ ହୋଇଛି ବୋଲି ସିପିଏମ ଓ କଂଗ୍ରେସ ତରଫରୁ କୁହାଯାଇଛି ଏବଂ ଏଥିପାଇଁ ଜଳେଶ୍ୱର ବାସୀଙ୍କୁ ଧନ୍ୟବାଦ ଦିଆଯାଇଛି। ଏହି ବନ୍ଦ କାର୍ଯ୍ୟକ୍ରମରେ ସିପିଏମ,କଂଗ୍ରେସ ସହିତ ଗଣତାନ୍ତ୍ରିକ ମହିଳା ସମିତି, ଭାରତୀୟ ଛାତ୍ର ଫେଡ୍ରେସନ ସାମିଲ ହୋଇଥିଲେ ।ଏହି ଉପଲକ୍ଷେ ବଡ଼ ବଜାର ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ବିଶିଷ୍ଟ ସ୍ତମ୍ଭକାର ତଥା ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଦାସ,ବଶିଷ୍ଟ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜିବୀ ସତ୍ୟ ସୁନ୍ଦର ଦାସ, ରାଜୀବ ପରିଡ଼ା, ଗିରିଜା ଶଙ୍କର ଦାସ, ସୁଦାମ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ଖଗେନ୍ଦ୍ର ନାଥ ସାମଲ, ଫରିଦ ଅହମ୍ମଦ, ହେମନ୍ତ ଗିରି, ପଦ୍ମଲୋଚନ ବେହେରା, ତାରକ ଚାନ୍ଦ, ଜଗଦୀଶ ନନ୍ଦୀ, ସପନ ସାମଲ, ଶୌଭିକ ଜେନା, ଲକ୍ଷ୍ମୀଧର ଗିରି, ଦୁର୍ଗା ଶଙ୍କର ଆସ, ଗୋପାଳ ଚନ୍ଦ,ସଂଜୀତ ରାୟ, ସୁଶାନ୍ତ ପାତ୍ର,ଉତ୍ତମ ପାତ୍ର,ରାଜେଶ ସାସମଲ, ଗୋପାଳ କୃଷ୍ଣ ଜେନା, ସେହିପରି ସିପିଏମର ନେତା ଅକ୍ଷୟ କୁମାର ମିଶ୍ର,ଦିଲ୍ଲୀପ କୁମାର ଗିରି, ରବିନ୍ଦ୍ର ବାରିକ, ଦିଲ୍ଲୀପ କୁମାର ପରିଡ଼ା, ପାଲ୍ଟୁ ଦାସ, ଦୀପ୍ତିମାନ ଆଚାର୍ଯ୍ୟ,ମମି ପଣ୍ଡା,ସବିତା ଭୂୟାଁ,ଏସ୍ ଏଫ୍ ଆଇର ସୌରଭ ସାର୍ଥକ ସାହୁ,ଚନ୍ଦନ ପ୍ରମାଣିକ ପ୍ରମୁଖ ବକ୍ତବ୍ୟ ରଖି ଘଟଣାର ନ୍ୟାୟିକ ତଦନ୍ତ ଦାବୀ କରିବା ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ ଇସ୍ତଫା ଦାବୀ କରିଥିଲେ ।ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ଯାହା ଫଳରେ ନାରୀ ନିର୍ଯାତନା ବଢ଼ିଛି ।ସରକାର କେବଳ ଭାଷଣ ବାଜି ଓ ବିରୋଧି ଦଳମାନଙ୍କୁ ସମାଲୋଚନା କରିବାରେ ବ୍ୟସ୍ତ ନରହି କାମ କରନ୍ତୁ ନହେଲେ ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ବକ୍ତାମାନେ ସତର୍କ କରାଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଚନ୍ଦନ ଶତପଥୀ, ନରେନ୍ ସିଂ, ନିରୋଜ ବେହେରା, ଶଙ୍କର ଗୋଛୟତ, ଜଗତ୍ ପଟ୍ଟନାୟକ, ଗୌତମ ସେନାପତି, କନକେଶ୍ୱର ସେନାପତି, ସୁବ୍ରତ ରାଉତ, ନିର୍ମଳା ମହାନ୍ତି, ସସ୍ମିତା ପ୍ରମାଣିକ, ସୁଶାନ୍ତ ରାଉତ, ଫରିଦ୍ ଅହମ୍ମଦ ଦୂର୍ଗା ଶଙ୍କର ଦାସ, ଜଗଦୀଶ ନନ୍ଦୀ, ରାଜେଶ ଶାସମଲ,ହରି ଶଙ୍କର ଜେନା ଏହି ବନ୍ଦର ନେତୃତ୍ୱ ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ଦ ଯୋଗୁ ଅସହାୟ ...

ଆମ୍ବୁଲାନ୍ସ ଡାକିବା ସହ ବସରୁ ରୋଗୀଙ୍କୁ ବାହାର କରି କଟକ ବଡ଼ ମେଡିକାଲ ପଠାଇଥିଲା । କଂଗ୍ରେସର ବନ୍ଦ ପାଳନରେ ଫସିଲେ ମଧ୍ୟପ୍ରଦେଶରୁ ଆସିଥିବା କାଉଡିଆ । କଂଗ୍ରେସ କର୍ମୀ ମାନେ କାଉଡିଆ ବସଟିକୁ ଅଟକାଇ ରଖିଥିବା ବେଳେ, ବସରେ ଥିବା କାଉଡିଆ ମାନେ ନାନା ସମସ୍ୟାର ସାମନା କରିଛନ୍ତି । ବନ୍ଦ ଯୋଗୁଁ ସକାଳୁ ଜଳଖିଆ ଓ ନିତ୍ୟକର୍ମ ସାରିନଥିବା ବେଳେ, ଘଣ୍ଟାଧିକ କାଳ ଧରି ବସରେ ଫଶିରହିଥିଲେ । ଲଗାତାର ଦୁଇ ଦିନ ଧରି ବାଲେଶ୍ୱର ବନ୍ଦ ଯୋଗୁଁ ସମସ୍ୟାରେ ଦିନ ମଜୁରିଆ । ଦୁଇ ଦିନ ଧରି କାମଧନ୍ଦା ବନ୍ଦ ଥିବା ବେଳେ, ଘାରୁଛି ପେଟପାଟଣାର ଚିନ୍ତା । ବନ୍ଦ ଯୋଗୁଁ ବସ ଚଳାଚଳ ହେଉନଥିବା ବେଳେ, କାମ କରିବାକୁ ଯାଇ ପାରୁନାହନ୍ତି ଶ୍ରମିକ । ଆଉ ଯିଏ କେହି ଆସିଛନ୍ତି, ତାଙ୍କୁ କାମ ମିଳିନି । ଫଳରେ ପେଜ-ଭାତ ଧରି ଆସିଥିବା ଲୋକ ବାଧ ହୋଇ ଘରକୁ ଫେରୁଛନ୍ତି ।

### ଛାତ୍ରୀଙ୍କୁ ମିଛ...

ବରଗଡ଼ ଜିଲ୍ଲା ବୁଡେନ୍ ଥାନା ଅଧୀନ ଦହିତା ଗାଁର ଦୁତିଆ ସୁନାଙ୍କ ପୁଅ ତଥା ଆସିଷ୍ଟାଣ୍ଟ ପ୍ରଫେସର ଗୋପୀକାନ୍ତ ସୁନାଙ୍କୁ ଗୁରୁବାର ମହିଳା ଥାନା ପୁଲିସ ଗିରିଫ କରି କୋର୍ଟ ଚାଲାଣ କରିଛି। ଶିକ୍ଷାନୁଷ୍ଠାନ ହେଉଛି ଶିକ୍ଷକ ତଥା ଅଧ୍ୟାପକଙ୍କ ପାଇଁ ମନ୍ଦିର ସଦୃଶ। ଏଠାରେ ଛାତ୍ରଛାତ୍ରୀମାନେ ଭଗବାନ ହେଲେ ଶିକ୍ଷକ ପୂଜାରୀ। କିନ୍ତୁ କ୍ଷୋଭର ବିଷୟ ଯେ, ଶିକ୍ଷାନୁଷ୍ଠାନରେ ଆଉ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପବିତ୍ର ସଂପର୍କ ପୂର୍ବ ଭଳି ନାହିଁ। ଝିଅ ତଥା ଭଉଣୀ ସଦୃଶ ଶିଷ୍ୟାମାନଙ୍କ ଉପରେ ଅଧ୍ୟାପକମାନଙ୍କର ଖରାପ ନଜର ରହୁଛି। ଏହିଭଳି ଅଭିଯୋଗ ଅନେକ ଆସୁଛି। ଲୋକଲଜ୍ଜାରେ ଅନେକ ଛାତ୍ରୀ କାନ୍ଦିକାନ୍ଦି ଜିଉଁଛନ୍ତି। ସବୁ ଖବର ସାମ୍ନାକୁ ଆସିପାରୁ ନାହିଁ। ଆମ ବ୍ୟବସ୍ଥାରେ ସଂସ୍କାର ନଆସିବା ଯୋଗୁଁ ବହୁ ଲୋକଙ୍କର ଜୀବନ ଯନ୍ତ୍ରଣାରେ କଟୁଛି।

### ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ...

ଲୋକଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହାୟତା କରନ୍ତି । ଗ୍ରାମାଞ୍ଚଳ ବିକାଶରେ ସେମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଥାଏ । କିନ୍ତୁ, ସେମାନଙ୍କ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

### ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ....

ସାଇନ ଏବଂ ତଦନ୍ତକାରୀ ଅଧିକାରୀ ଡିଏସପି ଇମନ କଲ୍ୟାଣ କଲେଜ ପରିସରକୁ ଯାଇଛନ୍ତି। ସେଠାରେ କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ଜଣଙ୍କ ଦେହରେ ନିଆଁ ଲାଗିଲା ତାହାର ଅନୁଧ୍ୟାନ କରିଛନ୍ତି। କିଛି କର୍ମଚାରୀ ଓ ଛାତ୍ରୀଙ୍କୁ ପଚରା ଉଚରା କରିଛି। ସେହିପରି କ୍ରାଇମବ୍ରାଞ୍ଚ ଟିମ୍ ମଧ କଟକରେ ଚିକିତ୍ସାଧୀନ ଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ପଚରା ଉଚରା କରିଛି। ଜ୍ୟୋତି ପ୍ରକାଶ ପୀଡ଼ିତା ଛାତ୍ରୀଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରି ଆହତ ହୋଇଥିଲେ। ଏବଂ ସେ ଏବେ ଏସସିବିରେ ଚିକିତ୍ସାଧୀନ ଅଛନ୍ତି। କଟକ ଏସସିବି ମେଡିକାଲରେ ତିନି ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ଜ୍ୟୋତି ପ୍ରକାଶ ତାଙ୍କ ମା ଏବଂ ଡାକ୍ତରଙ୍କୁ ପଚରା ଉଚରା କରିଛି। ଏ ହେଉଛି ସେହି ଘର ଯେଉଁଠାରେ ପାଠ ପଢ଼ିବା ପାଇଁ ରହୁଥିଲେ ଛାତ୍ରୀ ଜଣକ। କଲେଜରେ ପଢୁଥିବା ବେଳେ ଛାତ୍ରୀ ଜଣଙ୍କ ଏହି ଭଡା ଘରେ ରହୁଥିଲେ । ଘଟଣା ଦିନ ଏହି ଘରୁ ସେ କଲେଜକୁ ଯାଇଥିଲେ । ହେଲେ ଆଉ ତାଙ୍କ ରୁମକୁ ଫେରି ନ ଥିଲେ । ଏବେବି ସେହି ରୁମରେ ତାଙ୍କର ପୋଷାକ, ବାକ୍ସ , ରୋଷେଇ ସାମଗ୍ରୀ ଏବଂ ଅନ୍ୟାନ୍ୟ ଜିନିଷ ରହିଛି । ପୋଲିସ ଏଠାକୁ ଆସି ଯାଞ୍ଚ କରି ଫେରିଛି । ହେଲେ ଘଟଣା ପରଠୁ ତାଙ୍କ ଘର ଲୋକ କେହି ସେଠାକୁ ଆସିନାହାନ୍ତି । ତାଙ୍କ ସହ ରହୁଥିବା ଅନ୍ୟ ଜଣେ ସହପାଠୀ ଏବେ ସେ ରୁମ୍ ଛାଡି ଦେଇଛନ୍ତି । ଘଟଣାକୁ ନେଇ ତନାଘନା ଚାଲିଥିବା ବେଳେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା କିଛି ଆପତ୍ତିଜନକ ଟିପ୍ପଣୀକୁ ନେଇ ଭୋଗରାଇ ଥାନା ଆଇଆଇସିଙ୍କ ପାଖରେ ଏତଲା ଦେଇଛନ୍ତି । ଏତଲାରେ ୪ରୁ ଅଧିକ ଲୋକଙ୍କ ନାଁରେ ଅଭିଯୋଗ କରିଛନ୍ତି। କେସ୍ ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ।

### ସରଗରମ ବିହାର ...

ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ନୀତୀଶ କୁମାର ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ବିହାରରେ ଭୋଟର ତାଲିକା ସଂଶୋଧନକୁ ବିଜେପିର ଷଡ଼ଯନ୍ତ୍ର ବୋଲି ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କହିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ୍ ସଂଶୋଧନକୁ ଭୋଟ୍ ଚୋରି ଉଦ୍ୟମ ବୋଲି ଅଭିଯୋଗ କରିଛନ୍ତି । ଆସନ୍ତା ଅକ୍ଟୋବର- ନଭେମ୍ବର ମାସରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ଜୋର ଧରିଛି ରାଜନୀତି ।

### ଏନଡିଏକୁ ଫେରିବେ ଉଦ୍ଧବ...

ଏହି ଅବସରରେ ତିନି-ଭାଷା ନୀତି ଉପରେ ମଧ ଆଲୋଚନା ହୋଇଥିବା ସୂତ୍ରରୁ ଜଣାପଡ଼ିଛି। ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀଙ୍କୁ "ହିନ୍ଦୀ କାହିଁକି ଲଦାଯିବା ଉଚିତ ନୁହେଁ" ନାମକ ଏକ ପୁସ୍ତକ ଉପହାର ଦେଇଥିଲେ, ଯାହା ମହାରାଷ୍ଟ୍ରର ବିଭିନ୍ନ ସମ୍ପାଦକଙ୍କ ଦ୍ୱାରା ଲିଖିତ ଲେଖାର ସଂକଳନ। ଫଡନାଭିସ ଏହି ପୁସ୍ତକ ଗ୍ରହଣ କରିଥିବା ବେଳେ ଉଦ୍ଧବଙ୍କୁ ପରାମର୍ଶ ଦେଇଛନ୍ତି ଯେ, ସେ ଏହାର ଏକ ପ୍ରତିଲିପି ତିନି-ଭାଷା ନୀତି ସମୀକ୍ଷା କମିଟିର ମୁଖ୍ୟ ନରେନ୍ଦ୍ର ଜାଧବଙ୍କୁ ପ୍ରଦାନ କରନ୍ତୁ। ଏହି ବୈଠକ ରାଜନୈତିକ ମହଲରେ ଅନେକ ଚର୍ଚ୍ଚା ସୃଷ୍ଟି କରିଛି, କାରଣ ଏହା ଉଭୟ ନେତାଙ୍କ ମଧ୍ୟରେ ଦୀର୍ଘ ଦିନ ପରେ ହୋଇଥିବା ପ୍ରଥମ ସାକ୍ଷାତ ଅଟେ।

### ନିମିଷା ପ୍ରିୟାକୁ ଭାରତ...

ଏହା ଉପରେ ନିକଟ ଦୃଷ୍ଟି ରଖିଛନ୍ତି ଏବଂ ସମସ୍ତ ପ୍ରକାର ସହାୟତା ଜାରି ରହିବ। ଏଥିରେ ସାହାଯ୍ୟ ପାଇଁ କିଛି ବନ୍ଧୁ ଦେଶ ସହ ସମ୍ପର୍କ କରାଯାଇଛି ।ୟମନରେ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା କେରଳର ନିମିଷା ପ୍ରିୟାଙ୍କ ଫାଶି ସ୍ଥଗିତ କରିଦିଆ ଯାଇଛି। ତାକୁ କାଲି ମାନେ ୧୬ ଜୁଲାଇକୁ ଫାଶି ଦିଆଯିବାର ଥିଲା। ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସୱାଲ ଗୁରୁବାର ଦିନ ସାପ୍ତାହିକ ସାମ୍ବାଦିକ ବାର୍ତ୍ତାରେ ଏକ ପ୍ରଶ୍ନର ଉତରରେ କହିଛନ୍ତି ଯେ ଆମେ ନିମିଷା ପ୍ରିୟାକୁ ଆଇନ୍‌ଗତ ସାହାଯ୍ୟ କରାଯାଇଛି ଏବଂ ପରିବାରର ସହାୟତା ପାଇଁ ଓକିଲ ମଧ ନିଯୁକ୍ତ କରାଯାଇଛି।

# କଂଗ୍ରେସ ଓ ସହଯୋଗୀ ଦଳଙ୍କୁ ମିଳିଲା ଓଡ଼ିଶା ବନ୍ଦର ଅପୂର୍ବ ସଫଳତା: କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଷ୍ଠାନ ସମେତ ସବୁ ବନ୍ଦ



ବୈଶିଙ୍ଗା , ୧୭/୭ (ନି.ପ୍ର): ଫକୀର ମୋହନ ବିଏଡ଼ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅକାଳ ମୃତ୍ୟୁ ରେ ସମଗ୍ର ରାଜ୍ୟ ଜଳୁଥିବାବେଳେ ଏହାକୁ ବିରୋଧ କରି ଗୁରୁବାର ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ବ୍ୟାପି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରାଙ୍କ ତତ୍ତ୍ୱାବଧାନ ତଥା କଂଗ୍ରେସ ନେତା କ୍ଷୀରୋଦ ପାତ୍ରଙ୍କ ପରିଚାଳନାରେ ରେ ଶହ ଶହ ଯୁବ ଛାତ୍ର ଓ ପୁରୁଖା ଦଳୀୟ ନେତା ଓ କର୍ମୀ ଉତ୍ସାହର ସହିତ ଏକତ୍ରିତ ହୋଇ ଦଳୀୟ ପତାକା ଧରି ଜାତୀୟ ରାଜପଥ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟାଙ୍କ ସହିତ ବିଚାର ବିଭାଗ ଅଦାଲତ ପର୍ଯ୍ୟନ୍ତ ବନ୍ଦ ରହିଥିବାର ଦେଖାଯାଇଥିଲା । ମୃତ ସୌମ୍ୟାଶ୍ରୀର ମୃତ୍ୟୁ ସାଧାରଣରେ ଏତେ ପ୍ରଭାବ ପକାଇଥିଲା ଯେ ବହୁତ ଅନୁଷ୍ଠାନ ସ୍ୱତ ପ୍ରବୃତ ଭାବେ ବନ୍ଦ କରିବା ସହ କେତେକ ଅନୁଷ୍ଠାନ ଚାହିଁ ବସିଥିଲେ କେତେବେଳେ କଂଗ୍ରେସ କର୍ମୀ ଆସିବେ ଓ ସେମାନେ ବନ୍ଦ କରିବେ । ମୃତ ସୌମ୍ୟାଶ୍ରୀ ରାଜ୍ୟ ନିମନ୍ତେ ଏକ ଉଦାହରଣ ପାଲଟି ଯାଇଥିବାରୁ ସରକାରୀ ଅନୁଷ୍ଠାନ ଗୁଡିକ ମଧ୍ୟ ବନ୍ଦ ରହିଥିବାର ଦେଖା ଯାଇଥିଲା । ଏଥି ସହିତ କଂଗ୍ରେସ ନେତ୍ରୀ ମାଧବୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ, ଆଗରିଆ, ଯୁଗଳ ଛକ, ବୈଶିଙ୍ଗା ବଜାର, ଗଡ଼ଦେଉଳିଆ, କଳମା ଛକ ଇତ୍ୟାଦି ରେ ଦୋକାନ ଓ ବିଭିନ୍ନ ଅନୁଷ୍ଠାନ ବନ୍ଦ ରହିଥିଲା । ବୈଶିଙ୍ଗା ବଜାର ରେ ବ୍ୟାଙ୍କ,ପୋଷ୍ଟ ଅଫିସ, ଲ୍ୟାମ୍ପସ,ରାଜସ୍ୱ କାର୍ଯ୍ୟାଳୟ ଓ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଏବଂ ସମସ୍ତ ସ୍କୁଲ ବନ୍ଦ ରହିଥିଲା । ଏହି ବନ୍ଦର ପ୍ରଭାବରେ ଜାତୀୟ ରାଜପଥ ରେ ରାଜ୍ୟ ତଥା ରାଜ୍ୟ ବାହାରର ଶହ ଶହ ବିଭିନ୍ନ ଯାନ ବାହାନ ଛିଡା ହୋଇ ରହିଥିଲା । ମାତ୍ର ଏହି ବନ୍ଦ ରେ ଅତ୍ୟାବଶ୍ୟକୀୟ ସଂସ୍ଥା କୁ ବାଦ ଦିଆ ଯାଇଥିଲା । ବିଶେଷ ଭାବେ ଜରୁରୀ କାଳୀନ ସେବା ଉପରେ ଦଳ ପକ୍ଷରୁ ନଜର ଦିଆ ଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ସୁବାଷ ଚନ୍ଦ୍ର ଦାଶ କହିଛନ୍ତି ଯେ ଗୋଟିଏ ଦିନ ବନ୍ଦ କରି ଆମେ ବସି ରହିବୁନାହିଁ, ସୌମ୍ୟାଶ୍ରୀ ର ପରିବାରକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ଓ ରାଜ୍ୟରେ ଏଭଳି ପରିସ୍ଥିତି ଯେପରି ନ ଉପୁଜେ ସେଥି ପ୍ରତି ନଜର ରହିବ । ଏତଦ ବ୍ୟତିତ ଶାସକ ଦଳକୁ କଟୁ ସମାଲୋଚନା କରିଥିଲେ ।

ଶୁକ୍ରବାର, ଜୁଲାଇ ୧୮, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଉଦଳା ଓ କପ୍ତିପଦାରେ ଓଡ଼ିଶା ବନ୍ଦର ପ୍ରଭାବ

ଉଦଳା , ୧୭/୭ (ନି.ପ୍ର): ବାଲେଶ୍ୱରରେ ଛାତ୍ରୀ ସୌମ୍ୟାଶ୍ରୀ ଙ୍କ ଆତ୍ମାହୁତି ଘଟଣା ପରେ ସମଗ୍ର ରାଜ୍ୟରେ ଏହାକୁ ନେଇ ରାଜନୀତି ଯୋର ଧରିଛି। ଏପରିକି ଏଥିପାଇଁ କଂଗ୍ରେସ ଓ ବାମପନ୍ଥୀ ଦଳ ତରଫରୁ ଉକ୍ତ ଘଟଣାରେ ଦୋଷିକୁ ଉପଯୁକ୍ତ ଦଣ୍ଡ ମିଳୁ ବୋଲି ଦାବି ଜଣାଇ ଆଜି ଜୁଲାଇ ୧୭ ତାରିଖ ଗୁରୁବାର ଦିନ ଓଡ଼ିଶା ବନ୍ଦର ଡ଼ାକରା ଦିଆଯାଇଥିଲା । ଉଦଳାରେ ଏହାକୁ ସଫଳ କରିବା ପାଇଁ ମୁଖ୍ୟତଃ କଂଗ୍ରେସ ଦଳ ତରଫରୁ ନେତୃତ୍ୱ ନିଆଯାଇଥିବା ବେଳେ କପ୍ତିପଦାରେ ଏସ୍.ୟୁ.ସି.ଆଇ. ଦଳ ତରଫରୁ ନେତୃତ୍ୱ ନିଆଯାଇଥିଲା । ଉଦଳାସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ, ଯାନବାହାନ ଓ ବ୍ୟବସାୟ ପ୍ରତିଷ୍ଠାନ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ରହିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । କଂଗ୍ରେସ ଦଳର ବରିଷ୍ଠ ନେତା ନାରାୟଣ ପଟନାୟକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦୁର୍ଗା ଟୁଡୁ, ଉତମ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ । ଅନୁରୂପ ଭାବେ କପ୍ତିପଦାରେ ମଧ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ଓ ଦୋକାନ ବଜାର ବନ୍ଦ ରହିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏସ୍.ୟୁ.ସି.ଆଇ. ଦଳର କର୍ମି ମାନେ କପ୍ତିପଦାରେ ବନ୍ଦକୁ ସଫଳ କରିବା ପାଇଁ ନେତୃତ୍ୱ ନେଇଥିଲେ ।




## ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମରେ ବିଫଳ ହୋଇ ଛୁରା ମାଡ଼: ଯୁବକ ଗିରଫ

ବସ୍ତା,୧୭।୭(ନିପ୍ର): ରୂପସା ଥାନା ଅଞ୍ଚଳରେ ଜନୈକା ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମରେ ଜଣେ ଯୁବକ ବିଫଳ ହୋଇ ଛୁରା ମାଡ଼ କରିଥିବା ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଯେ ବାଲିଆପାଳର ନେପୁ ଓରଫ ଆଦିତ୍ୟ ନାରାୟଣ ଘଡେଇ ନିଜ ସମ୍ପର୍କୀୟ ଘରକୁ ଆସିଥିବା ବେଳେ ଗତ କାଲି ଏହି ମହିଳାଙ୍କୁ ଏକୁଟିଆ ପାଇ ପ୍ରେମ ନିବେଦନ କରିଥିଲେ।ମାତ୍ର ମହିଳା ରାଜି ନହେବାରୁ ତାଙ୍କୁ ଜୋର ଜବରଦସ୍ତ ଟଣା ଉଟରା କରି ଛୁରା ମାଡ଼ କରିଥିଲେ । ଏ ବାବଦରେ ଥାନାରେ ଲିଖିତ ଅଭିଯୋଗ ମୂଳେ କେଶ ନଂ ୬୦/୨୫ରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ଘଡେଇକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉଲ୍ଲେଖଯୋଗ୍ୟ ଯେ ଗିରଫ ଅଭିଯୁକ୍ତ ବିବାହିତ।

## ବାଲିଆପାଳରେ ଶାନ୍ତିପୂର୍ଣ୍ଣଭାବେ ଓଡିଶା ବନ୍ଦ ଶତପ୍ରତିଶତ ସଫଳ

ବାଲିଆପାଳ , ୧୭/୭ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଅଧାପକଙ୍କ ଦ୍ୱାରା ନିର୍ଯ୍ୟାତନା ଯୋଗୁଁ ଛାତ୍ରୀଙ୍କ ଆତ୍ମହୁତି ଘଟଣା ନେଇ ସାରା ରାଜ୍ୟ ଅଶାନ୍ତ ହୋଇପଡିଛି । ବିଶେଷ କରି ଏହି ଘଟଣା ରାଜ୍ୟର ଯୁବ ତଥା ଛାତ୍ର ସମାଜକୁ ଆନ୍ଦୋଳିତ କରିଛି । ଏହି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଓଡିଶା ବନ୍ଦ ଡାକରା ଆଜି ବାଲିଆପାଳ ବ୍ଲକରେ ଶତପ୍ରତିଶତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି । କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ପୃଥକ ପୃଥକ ଭାବେ ବ୍ଲକଛକ, କାଳିପଦା ବଜାର, ଲଙ୍ଗଳଶ୍ୱେର ବଜାର ନିକଟରେ ରାସ୍ତା ଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ସାଙ୍ଗକୁ ଏହି ଘଟଣାରେ ବିଜେପି ର ଚରମ ଅବହେଳାକୁ ଦାୟୀ କରି ନାରାବାଜି କରିଥିଲେ। ତେବେ ଏହି ବନ୍ଦ ପ୍ରଭାବରେ ସମସ୍ତ ବସ, ଟ୍ରକ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଥିଲା । ସିମୁଳିଆ ବଜାର, କାଳିପଦା ବଜାର, ଲଙ୍ଗଳେଶ୍ୱର ବଜାର ସମେତ ବ୍ଲକଛକ, ପାରୁଳିଆଛକ, ବସଷ୍ଟାଣ୍ଡ, ଦେଭୋଗଛକ, ଖପରାପଦା ବଜାର ସମେତ ସମସ୍ତ ଛକ ବଜାର ବନ୍ଦ ରହିଥିଲା । କେବଳ ଅତ୍ୟାବଶ୍ୟକ ସେବାକୁ ଛାଡିଦେଲେ ରାସ୍ତାଘାଟ ଚାରିଆଡେ ଶୂନ ସାନ ସାଙ୍ଗକୁ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ତେବେ ଦିନ ୧୦ଟାପରେ କଂଗ୍ରେସ କର୍ମୀ ମାନେ ପ୍ରକେଟିଙ୍ଗ କରି ବ୍ଲକ, ତହସିଲ, ସମସ୍ତ ବ୍ୟାଙ୍କ ସାଙ୍ଗକୁ ବିଭିନ୍ନ ସ୍କୁଲ କଲେଜକୁ ଯାଇ ବନ୍ଦ କରିଥିବା ଦେଖିବାକୁ ମିଳିଥିଲା । ତେବେ ବାଲିଆପାଳରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା ଏହି ବନ୍ଦରେ ବାଲିଆପାଳରେ କଂଗ୍ରେସ ନେତା ବିଜନ ନାୟକ, ବରିଷ୍ଠ କଂଗ୍ରେସ ନେତା ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ନରହରି ଜେନା, ସରୋଜ କୁମାର ପିଳା, ଜଗନ୍ନାଥ ବାରିକ, ଅରୁଣ କୁମାର ପାତ୍ର, ଗିରିଶ ଚନ୍ଦ୍ର ପାତ୍ର, ଅଶୋକ ବାଗ, ଶ୍ରୀଧର ବିଶ୍ୱାଳ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ କାଳିପଦା ବଜାରରେ ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ବିଶ୍ୱାଳ, ତୀର୍ଥ କୁମାର ନାଗ, ଦୁର୍ଜୟ ପାତ୍ର, ଶାନ୍ତନୁ ମହାପାତ୍ର, ଅନନ୍ତ ପାତ୍ର, ଲଙ୍ଗଳେଶ୍ୱର ବଜାରରେ କାର୍ତ୍ତୀକ ଦାସ, କମଳାକାନ୍ତ ଦାସ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ବ୍ଲକର ୨୮ଟିଯାକ ପଞ୍ଚାୟତରେ କଂଗ୍ରେସ ଦଳର ନେତା ଓ କର୍ମୀ ମାନେ ସାମିଲ ହୋଇ ଏହି ବନ୍ଦକୁ ସଫଳ କରିବାରେ ସହେଯାଗ କରିଥିଲେ ।



## ପ୍ରାଇଡ୍‌ର ବିଶ୍ୱ ଯୁବ କୌଶଳ ଦିବସ ପାଳନ



ବୈଶିଙ୍ଗା , ୧୭/୭ (ନି.ପ୍ର): 'ପ୍ରାଇଡ୍' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ' ମେରା ଯୁବା ଭାରତ, ମୟୂରଭଞ୍ଜ' ଶାଖା ସହିତ ମିଳିତ ଭାବରେ ବିଶ୍ୱ ଯୁବ କୌଶଳ ଦିବସ, ଜୁଲାଇ ୧୫ ତାରିଖରେ ରଙ୍ଗକ୍ଷମଟିଆ ସ୍ଥିତ ପଣ୍ଡା ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସେଣ୍ଟର୍ କ୍ୟାମ୍ପସରେ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଅନୁଷ୍ଠାନର ପ୍ରିନ୍ସିପାଲ୍ ଶ୍ରୀଯୁକ୍ତ ଆଶୁତୋଷ ଦାସ ଓ ପ୍ରଶିକ୍ଷକ ଶ୍ରୀଯୁକ୍ତ ଜଗତ ଜୀବନ ଧଳ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବିଶ୍ୱ ଯୁବ କୌଶଳ ଦିବସ- ୨୦୨୫ ର ମୁଖ୍ୟ ବିଷୟବସ୍ତୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ କୌଶଳ ପ୍ରୟୋଗ ଦ୍ୱାରା ଯୁବ ସଶକ୍ତୀକରଣ ବାବଦରେ ଆଲୋକପାତ କରିଥିଲେ । ଏଥି ସହ ଶିକ୍ଷା ଅନୁଷ୍ଠାନର ଛାତ୍ରମାନଙ୍କ ମଧରେ ଏକ ସାଧାରଣ ଜ୍ଞାନର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ପ୍ରାଇଡ୍' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଧକ୍ଷରଣ ସମ୍ପାଦକ ଆଶିଷ ପରିଡ଼ା ସମସ୍ତଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାରେ ଖୋଲିବ ୫ ନୂଆ ମହିଳା ଏନସିସି ବାଟାଲିଅନ

ଭୁବନେଶ୍ୱର, ୧୭/୭ (ନି.ପ୍ର): ରାଜ୍ୟରେ ୫ ନୂଆ ମହିଳା ଏନସିସି ବାଟାଲିଅନ୍ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି। ଏଥିପାଇଁ ଆବଶ୍ୟକୀୟ ଭିତିଭୂମି, ମାନବସମ୍ବଳ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରହିଥିବା ସମୟସୀମା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବା ପାଇଁ ଓଡ଼ିଶା ଏନସିସି ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି। ରାଜ୍ୟରେ ବର୍ତ୍ତମାନ ଏନସିସି କ୍ୟାଡେଟ ସଂଖ୍ୟା ୬୩,୦୦୦ ରହିଥିବା ବେଳେ ଏହାକୁ ୯୦,୦୦୦କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।

## କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୀଳଗିରି, ୧୭/୭ (ନି.ପ୍ର): ଜଣେ କଲେଜଛାତ୍ରଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ନୀଳଗିରି ଥାନା ଦକ୍ଷିଣନରସିଂହପୁର ପଞ୍ଚାୟତ ଓଲଡଙ୍ଗ ଗ୍ରାମର ଶମ୍ଭୁ ସିଂଙ୍କ ବଡ଼ପୁଅ ମଙ୍ଗଳ ସିଂ (୧୮) ବୁଧବାର ରାତିରେ ବାପପୁଅ ମିତ୍ରପୁରରୁ ବଜାର କରି ଘରକୁ ଫେରିଥିଲେ। ପରେ ରାତିରେ ଖାଇବାପାଇଁ ବାପା ଡାକିଥିଲେ ମଧ ସେ ମନଦୁଃଖରେ କାହାକୁ କିଛି ନକହି ବିଛଣାରେ ଶୋଇ ପଡ଼ିଥିଲେ। ପରେ ରାତି ପ୍ରାୟ ୧୧ଟା ବେଳେ ବିଛଣାରୁ ଉଠି ଯୁବକ କୁଆଡ଼େ ପଳେଇଯାଇଥିବା କଥା ବାପା ସୂଚନା ଦେଇଛନ୍ତି। ତେବେ ପରିବାର ଲୋକେ ମଙ୍ଗଳକୁ ବହୁ ଖୋଜାଖୋଜିକରି ନିରାଶ ହୋଇପଡ଼ିଥିଲେ। ଗୁରୁବାର ସକାଳେ ନିଜ ବାଡ଼ିପଛ ଏକ କରଞ୍ଜିଆ ଗଛରେ ବେକରେ ରସି ଲାଗି ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ନୀଳଗିରି ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତ ଛାତ୍ରଜଣକ ବାବାପଞ୍ଚଲିଙ୍ଗେଶ୍ୱର କଲେଜର ଯୁକ୍ତଦୁଇ କଳାର ଛାତ୍ର ଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଫିସର ସୂଚନା ଦେଇଛନ୍ତି।

## ବୈଶିଙ୍ଗା ଶିବାଜୀ ଯୁବକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା




ବୈଶିଙ୍ଗା , ୧୭/୭ (ନି.ପ୍ର): ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟ ତଥା ଦେଶ ରେ ବିକ୍ଷୋଭ ପ୍ରଦର୍ଶନ ଏବଂ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ବିଭିନ୍ନ ସ୍ଥାନରେ କ୍ୟାଣ୍ଡେଲ ଶୋଭାଯାତ୍ରା ପ୍ରଦର୍ଶିତ ହୋଇଥିବାର ଦେଖାଯାଇଛି । ଏହି ପରିପେକ୍ଷୀ ରେ ବୈଶିଙ୍ଗା ସ୍ଥିତ ଶିବାଜୀ ଯୁବକ ସଂଘ ଅନୁକୂଲ୍ୟରେ ଆଜି ଗୁରୁବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଥିଲା । ଯୁବକ ସଂଘର ସଭାପତି ସୀତାକାନ୍ତ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱା ବଧାନରେ ସଂଘର କର୍ମକର୍ତ୍ତା ସବ୍ୟସାଚୀ ପଣ୍ଡା, ଶାନ୍ତନୁ କୁମାର ପଣ୍ଡା, ରାଜେଶ କୁମାର ସାହୁ, ଦିଲ୍ଲୀପ ନାୟକ,ରାଜେଶ ଭୂୟାଁ, ବ୍ରହ୍ମାନନ୍ଦ ମହାପାତ୍ରଙ୍କ ସମେତ ବହୁ କର୍ମ କର୍ତ୍ତା ସହଯୋଗ କରିଥିଲେ । ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଭବିଷ୍ୟତରେ ଏଭଳି ଘଟଣାର ପୂନରାବୃତ୍ତି ନ ହେଉ ସେଥିପାଇଁ ସରକାରଙ୍କୁ ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଭାବେ ସୀତାନାଥ ବେହେରା, ସଞ୍ଜୟ କୁମାର ମିଶ୍ର,ବିମଳେନ୍ଦୁ ମହାପାତ୍ର, ସତ୍ୟଜିତ୍ ରାରତ, ମଧୁସୂଦନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ମୟୂରଭଞ୍ଜରେ କଂଗ୍ରେସ ସହିତ ବିଭିନ୍ନ ଦଳର ବନ୍ଦ ଡାକରା ସଫଳ

ବାରିପଦା , ୧୭/୭ (ନି.ପ୍ର): ଏଫଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ପ୍ରତ୍ୟେକ ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ରାଜ୍ୟରେ ମହିଳା ସୁରକ୍ଷା ଦାବିରେ କଂଗ୍ରେସ ସହିତ ବିଭିନ୍ନ ବାମ ଦଳର ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ମୟୂରଭଞ୍ଜ ଜିଲ୍ଲାରେ ମଧ ସଫଳ ହେବାର ଦେଖିବାକୁ ମିଳିଛି। ଦୀର୍ଘ ମାସ ଧରି ମାନସିକ ଚାପରେ ରହୁଥିବା ଏଫ।ଏମ। କଲେଜ ଛାତ୍ରୀ ସୌମଶ୍ରୀ ବିଶି ପ୍ରଶାସନ ଏବଂ ସରକାରଙ୍କ ପାଖରେ ନ୍ୟାୟ ଭିକ୍ଷା କରିମଧ ଶେଷରେ ନିରାଶ ହୋଇ ଆତ୍ମହତ୍ୟା କରିଥିଲେ। ଏହାକୁ ପ୍ରଶାସନ ଏବଂ ସରକାରଙ୍କ ବ୍ୟବସ୍ଥାଗତ ଫେଲ କାରଣ ଦର୍ଶାଇ ରାଜ୍ୟରେ ବଢିଚାଲିଥିବା ମହିଳା ନିର୍ଯାତନା ବିରୁଦ୍ଧରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଏବଂ ବାମ ଦଳ ଗୁଡିକ ତରଫରୁ ଗୁରୁବାର ଓଡିଶା ବନ୍ଦ ଡାକରା ଦିଆଯାଇଥିଲା ମୟୁରଭଞ୍ଜ ଜିଲ୍ଲାରେ ଏହି ବନ୍ଦ ଡାକରା ସଫଳ ହେବାର ଦେଖିବାକୁ ମିଳିଛି। ବାରିପଦା ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିବା ସହିତ, ଗାଡି ମଟର, ସ୍କୁଲ କଲେଜ, ଅଫିସ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା। ଗାଡି ମଟର ଚାଲୁ ନଥିବାରୁ ରାସ୍ତାଘାଟ ଖାଁ ଖାଁ ଦେଖିବାକୁ ମିଳିଥିଲା। ମୟୁରଭଞ୍ଜ ଜିଲ୍ଲା ରେ କଂଗ୍ରେସ ସହିତ ସିପିଆଇ, ସିପିଏମ, ଏସୟୁସିଆଇ ତଥା ବିଭିନ୍ନ ସହଯୋଗୀ ଦଳମାନେ ମିଳିତ ଭାବରେ ବନ୍ଦରେ ସାମିଲ ହୋଇଥିବା ବେଳେ, ମୟୁରଭଞ୍ଜ ଜିଲ୍ଲା ର ଅଣରାଜନୈତିକ ଯୁବ ଛାତ୍ର ସଂଗଠନ ଭଞ୍ଜ ସେନା ମଧ ଆଜି ମୟୁରଭଞ୍ଜ ବନ୍ଦ ଡାକରା ଦେଇଥିବାରୁ ସମ୍ପୂର୍ଣ୍ଣ ଜିଲ୍ଲା ବନ୍ଦ ପ୍ରଭାବରେ ଠପ ହୋଇ ପଡ଼ିଥିଲା। କେବଳ ଆମ୍ବୁଲାନ୍ସ, କ୍ଷୀର, ଔଷଧ ବିକ୍ରୟ ଆଦିକୁ ବନ୍ଦରୁ ବାଦ ଦିଆଯାଇଥିଲା। ବନ୍ଦରେ ସାମିଲ ଥିବା ବିଭିନ୍ନ ଦଳର ନେତା ଓ କର୍ମୀ ମାନେ ସହର ର ବିଭିନ୍ନ ଅଞ୍ଚଳ ବୁଲି ପିକେଟିଂ କରି ଲୋକଙ୍କୁ ବନ୍ଦରେ ସାମିଲ ହେବାକୁ ନିବେଦନ କରିବା ସହ ପାଲବଣି ବାଇପାସ, ମୁର୍ଗାବାଡି ଗୋଲେଇ, ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖ ଇତ୍ୟାଦି ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଆଜିର ବନ୍ଦକୁ ସ୍ୱତଃପ୍ରବୃତ୍ତ ଭାବରେ ଜନସାଧାରଣ ସମର୍ଥନ କରୁଥିବାର ଦେଖିବାକୁ ମିଳିଥିଲା। ବନ୍ଦର ପଭାବରେ ଯାତ୍ରୀବାହି ବସ ଗୁଡିକ ଚଳ ପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାରୁ ଅନେକ ସାଧାରଣ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇ ବସଷ୍ଟାଣ୍ଡରେ ଅପେକ୍ଷା କରିଥିବାର ଦେଖାଯାଇଥିଲା। ଅପେକ୍ଷା ରତ ଯାତ୍ରୀମାନେ ଆଜି ହୋଟେଲ ଇତ୍ୟାଦି ବନ୍ଦ ଥିବାରୁ ଖାଇବାକୁ ପାଇନଥିଲେ। ତେବେ ବନ୍ଦ ପାଳନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇ ସହର ର ବିଭିନ୍ନ ଛକ ଏବଂ ସମ୍ବେଦନଶୀଳ ସ୍ଥାନରେ ପୋଲିସ ବଳ ମୁତୟନ କରାଯିବା ସହ ପେଟ୍ରୋଲିଙ୍ଗକୁ କଡାକଡି କରାଯାଇଥିଲା।



## ଭାରତ-ରୁଷ-ଚୀନ୍ ତ୍ରିପାକ୍ଷିକ ଆଲୋଚନା ସମ୍ଭବ

ନୂଆଦିଲ୍ଲୀ, ୧୭/୭ (ନି.ପ୍ର): ଭାରତ, ରୁଷ ଏବଂ ଚୀନ୍ ତ୍ରିପାକ୍ଷିକ ମେଂଟ 'ଆରଆଇସି'ର ଏକ ବୈଠକ ଖୁବ୍ ଶୀଘ୍ର ଡାକିବାକୁ ମଧ ସମ୍ମତି ପ୍ରଦାନ କରିଛି। ଆଜି ଏଠାରେ ଏକ ନିୟମିତ ବ୍ରିଫିଂଗ୍‌ରେ ଏକ ପ୍ରଶ୍ନର ଉତର ଦେଇ, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଏକ ସକାରାତ୍ମକ ସଙ୍କେତ ଦେଇଛନ୍ତି ଏବଂ କହିଛନ୍ତି ଯେ ଏହାର ଫର୍ମାଟ୍ ପାରସ୍ପରିକ ଆଲୋଚନା ଉପରେ ଆଧାରିତ ଏବଂ ଏଥିରେ ତିନି ଦେଶ ବିଶ୍ୱ ଏବଂ ଆଂଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି। ଏହି ବୈଠକ ପାରସ୍ପରିକ ସୁବିଧାଜନକ ସମୟରେ ଅନୁଷ୍ଠିତ ହେବ। ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାବରୋଭ ଏହି ତ୍ରିପାକ୍ଷିକ ଆଲୋଚନା ମଂଚକୁ ପୁନଃ ସକ୍ରିୟ କରିବାକୁ ସମ୍ପ୍ରତି ପରାମର୍ଶ ଦେଇଥିଲେ। ଚୀନ୍ ମଧ ଏହାକୁ ସମର୍ଥନ କରିଛି। ସମ୍ଭବତଃ ଆସନ୍ତା ମାସ ଶେଷରେ ଚୀନ୍‌ରେ ହେବାକୁ ଥିବା ଏସସିଓ ଶିଖର ସମ୍ମିଳନୀ ସମୟରେ, ତିନି ଦେଶର ନେତାମାନେ ଏକାଠି ସାକ୍ଷାତ କରିବେ ଏବଂ ଏହି ତ୍ରିପାକ୍ଷିକ ମେଂଟକୁ ପୁଣି ମଜବୁତ କରିବେ।

## ଭଦ୍ରକ ସ୍ୱୟଂ ସହାୟିକା ଗୋଷ୍ଠୀ ମହାମଞ୍ଚ ଓ ସି.ଏଲ୍.ଏଫ୍ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ

ଭଦ୍ରକ, ୧୭/୭ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଯାଇଥିବା ଅଭାବନୀୟ ଘଯଣାର ପ୍ରତିବାଦରେ କଂଗ୍ରେସ ଓ ବିଭିନ୍ନ ବାମପନ୍ଥୀ ଦଳ ସମୂହ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାରେ ସାମିଲ ହୋଇ ସାଳନ୍ଦୀ ସହର ସ୍ତରୀୟ ମହାସଂଘ (ସି.ଏଲ.ଏଫ୍.) ଓ ଭଦ୍ରକ ସ୍ୱୟଂ ସହାୟିକା ଗୋଷ୍ଠୀ ମହାମଞ୍ଚ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ସିପିଆଇଏମ୍‌ଏଲ୍ ତରଫରୁ ଭଦ୍ରକରେ ବନ୍ଦ ପାଳନ କରାଯାଇଛି। ସକାଳ ୬ଟା ସମୟରେ ଏହି ସଂଗଠନର କାର୍ଯ୍ୟକର୍ତ୍ତାମାନେ ସହରର ବିଭିନ୍ନ ଛକମାନଙ୍କରେ ପିକେଟିଂ କରିବା ସହିତ ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ବନ୍ଦ ରଖିଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବ୍ୟବସ୍ଥାକୃତ ଯୌନ ଉପୀଡ଼ନ, ତାଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ରାଜ୍ୟର ମହିଳାମାନଙ୍କ ସୁରକ୍ଷା ଦାବି ନେଇ ନାରାବାଜି କରିଥିଲେ। ଆଜି ଏ ସମାଜରେ ନାରୀ ଜାତି ସୁରକ୍ଷିତ ନୁହେଁ। ରାଜ୍ୟର ଶାସନ ଦାୟିତ୍ୱରେ ଥିବା ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗଁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ଆନ୍ଦୋଳନକାରୀମାନେ ଆରୋପ କରିଥିଲେ। ତୁରନ୍ତ ଅଭିଯୁକ୍ତର ମାମଲାର ବିଚାର କରାଯାଇ ଏକ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରିବାକୁ ସରକାରଙ୍କ ଠାରେ ଦାବୀ କରିଥିଲେ। ଏହି ଆନ୍ଦୋଳନରେ ସିପିଆଇଏମ୍‌ଏଲ୍ର ସମର ବଳ, ସି.ଏଲ.ଏଫ.ର ଜିଲ୍ଲା ସଭାନେତ୍ରୀ ଉର୍ମିଳା ପଣ୍ଡା, ସମ୍ପାଦିକା ଜୟନ୍ତୀ ବିଶ୍ୱାଳ, କୋଷାଧକ୍ଷା ମଞ୍ଜୁଲତା ଦାସ, ନାରୀନେତ୍ରୀ ମଧୁମିତା ପୃଷ୍ଟି, ଗୀତାଞ୍ଜଳୀ ନାୟକ, ରୁକ୍ସାନା ବିବି, ଦୀପ୍ତିପ୍ରଭା ରାୟ, ଗୁଡ଼ିଆ ଫର୍ଜାନାଙ୍କ ସମେତ ଶତାଧିକ ମହିଳା ଏହି ବନ୍ଦରେ ସାମଲି ହୋଇଥିଲେ।




## ବେତନଟୀ ବ୍ଲକ କଂଗେସର ଶାନ୍ତିପୂର୍ଣ୍ଣ ଧର୍ମଘଟ

ବେତନଟୀ, ୧୭/୭ (ନି.ପ୍ର): ରାଜ୍ୟର ବହୁ ଚର୍ଚ୍ଚିତ ସୌମ୍ୟଶ୍ରୀ ବିଶି ଆତ୍ମାହୁତି ମାମଲାରେ ରାଜ୍ୟସରକାରଙ୍କ ଅପାରଗତାକୁ ବିରୋଧ ତଥା ପୀଡିତା ପରିବାରକୁ ନ୍ୟାୟ ଦାବିରେ ରାଜ୍ୟ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ରାଜ୍ୟବ୍ୟାପୀ ଧର୍ମଘଠ ଡାକରା ପରିପ୍ରେକ୍ଷୀରେ ବେତନଟୀ ବ୍ଲକ କଂଗ୍ରେସ ପକ୍ଷରୁ ବେତନଟୀ ଠାରେ କରାଯାଇଥିବା ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ସଫଳ ହୋଇଥିବା ବେଳେ ଏହାକୁ ସାଧାରଣ ଜନତା ଆଶାତୀତ ଭାବେ ସମର୍ଥନ କରିଥିବାର ପରିଲକ୍ଷିତ ହୋଇଛି । ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରାଙ୍କ ନେତୃତ୍ୱରେ ବରିଷ୍ଠନେତା ସୁବାସ ଦାଶ, ଆଇନଜୀବୀ ପ୍ରବୀର ବାରିକ, ବିଧାୟକପ୍ରାର୍ଥୀ କ୍ଷୀରୋଦଚନ୍ଦ୍ର ପାତ୍ର, ସୁଜିତ ମହାନ୍ତ, ଦହିକୋଟୀ ପଞ୍ଚାୟତର ସପନ ବାରିକ, ଶିବଶଙ୍କର ମହାନ୍ତ, ଦୀପକ ମହାନ୍ତ, କ୍ଷୀତିଶ ମହାନ୍ତଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ । ସକାଳ ୬ଟାରେ ବଙ୍ଗଳାଛକ ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ୧୮ନଂ ଜାତୀୟରାଜପଥକୁ ଅବରୋଧ କରାଯାଇଥିଲା । ବେତନଟୀର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ପ୍ରତିଷ୍ଠାନ ଗୁଡିକୁ କଂଗ୍ରେସକର୍ମୀ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଜେଏମଏଫସି କୋର୍ଟ, ବ୍ଲକ, ତହସିଲ ଟ୍ରେଜେରୀ, ସ୍କୁଲ, କଲେଜ, ପେଟ୍ରୋଲପମ୍ପ, ସମସ୍ତ ଘରୋଇ ଏବଂ ରାଷ୍ଟ୍ରାୟାତ୍ତ ସରକାରୀ ବ୍ୟାଙ୍କ ଗୁଡିକୁ ମଧ ବନ୍ଦ କରାଯାଇଥିଲା । ଜନସାଧାରଣଙ୍କ ପକ୍ଷରୁ ସ୍ୱତଃପ୍ରବୃତ୍ତ ଭାବରେ ଏହି ବନ୍ଦକୁ ଅକୁଣ୍ଠ ସମର୍ଥନ ଜଣାଇଥିବା ବେଳେ ସମସ୍ତ ଦୋକାନ ବନ୍ଦ ରଖିଥିଲେ । ପୁରା ବେତନଟୀ ବଜାର ଦିନତମାମ ଜନଶୂନ୍ୟ ରହିଥିବା ବେଳେ ଖାଁ ଖାଁ ପରିବେଶ ସୃଷ୍ଟି ହୋଇଥିଲା ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ପ୍ରତ୍ୟକ୍ଷ ଭାବେ ଦିନ ତମାମ ପେଟ୍ରୋଲିଂ କରୁଥିବା ବେଳେ ସମସ୍ତ ଛକ ସ୍ଥାନମାନଙ୍କରେ ପୁଲିସଫୋର୍ସ ମୁତୟହନ କରାଯାଇଥିଲା । ବେତନଟୀ ଠାରେ ୧୮ନଂ ଜାତୀୟରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଯାନବାନ ଅଟକି ରହିଥିବା ବେଳେ ଦୀର୍ଘ ସାଢେ଼୯ଘଣ୍ଟା ପରେ ଅପରାହ୍ନ ସାଢେ ତିନିଟାରେ ରାସ୍ତାରୋକ ପ୍ରତ୍ୟାହୃତ ହେବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।




❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida